ଏହି ସମସ୍ୟାର ସମାଧାନ ନିମନ୍ତେ ଜଳବାୟୁ ପରିବର୍ତ୍ତନ ପାଇଁ ରାଷ୍ଟ୍ରୀୟ କ୍ରିୟା ଯୋଜନା ବା ଏନ. ଏ. ପି. ସି. ସି. ଏବଂ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବା ମନରେଗାରେ କିଛିଟା ବ୍ୟବସ୍ଥା ରଖାଯାଇଛି। ମନରେଗାରେ ହେନ୍ତାଳ ବନୀକରଣ, ଜୈବିକ କୃଷି ଓ ସ୍ଥାୟୀ ପରିସମ୍ପତ୍ତି ନିର୍ମାଣ ଉପରେ ସୁନ୍ଦରବନ ପରି ସର୍ବଦା ପ୍ରଭାବିତ ଅଞ୍ଚଳ ପାଇଁ ଗୁରୁତ୍ୱ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନ ପାଇଁ ରାଷ୍ଟ୍ରୀୟ କାର୍ଯ୍ୟ ଯୋଜନା ମଧ୍ୟରେ ଜଳବାୟୁ ପରିବର୍ତ୍ତନ ପ୍ରଭାବିତ ପ୍ରବାସନ ନିରାକରଣ ପାଇଁ ସତନ୍ତ୍ର ରଣନୀତି ଉଲ୍ଲେଖ କରିବା ଆବଶ୍ୟକ। ଯେଉଁ ଅଞ୍ଚଳରେ ବିସ୍ଥାପନ ଜରୁରୀ ସେଥିପାଇଁ ପୁନର୍ବାସ ଯୋଜନା କରାଯିବା ଉଚିତ। ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ଜଳବାୟୁ ପରିବର୍ତ୍ତନ ଜନିତ ଫସଲ ହାନି ହେଉ, ସ୍ଥାନୀୟ ଅଧିବାସୀ ଯେପରି ଦେଶାନ୍ତର ନ ହୁଅନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ରଖି ଏହାର ସମାଧାନ ସ୍ଥାନୀୟ ଭାବରେ କରାଯିବା ଆବଶ୍ୟକ। ମନେ ରଖିବାକୁ ହେବ ଅଭାବୀ ପ୍ରବାସନ ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବିତ ପ୍ରବାସନ ମଧ୍ୟରେ ଯଥେଷ୍ଟ ପ୍ରଭେଦ ରହିଛି ଏବଂ ଉଭୟ ପାଇଁ ଆଲଗା ରାଜନୀତି ଆବଶ୍ୟକ। ସରକାରୀ ଓ ବେସରକାରୀ ସ୍ତରରେ ଜଳବାୟୁ ସହନଶୀଳ ଯୋଜନାର ଆବଶ୍ୟକତା ଅଛି। ସହରାଞ୍ଚଳରେ ଜଳବାୟୁ ସହନଶୀଳ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରି ବାହାରୁ ପ୍ରବାସନରେ ଆସୁଥିବା ଲୋକଙ୍କ ଥଇଥାନ ବ୍ୟବସ୍ଥା କରାଯିବା ଆବଶ୍ୟକ।

**କଳିଙ୍ଗନଗର ୭/୪୫୨, ଭୁବନେଶ୍ୱର**
**ମୋ:୯୪୩୭୦୭୧୧୯୦**

## ପାଠକ ଶ୍ରେଷ୍ଠ ବିଚାରକ

### ମାଓବାଦ ସମାପ୍ତିର ବିକଳ୍ପ କ'ଣ ଏନ୍‌କାଉଣ୍ଟର

ମହାଶୟ,

ଓଡ଼ିଆରେ ଏକ ଢଗ ଅଛି ଯେସାକୁ ତେସା, ହାରାମ ଜାଦାକୁ ଟାଙ୍ଗିଆ ପାସା। ଅନ୍ୟ ଅର୍ଥରେ ଗୁଳିର ଜବାବ ଗୁଳିରେ, ଇଟାର ଜବାବ ପଥରରେ । ଏହି ନ୍ୟାୟରେ ବୋଧେ ମାଓବାଦୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବିଭିନ୍ନ ମତବାଦ ଓ ସଂଗଠନ ଭଳି ମାଓବାଦର ଗଭୀର ଚେର ସୁଦୂର ଚାଇନାରୁ ନେପାଳ ସମେତ ଭାରତରେ କାୟାବିସ୍ତାର କରିଚାଲିଛି। ଭାରତର ଆଞ୍ଚଳିକ ଅସ୍ଥିରତା ଦେଖାଯାଉଛି। ଜାତୀୟ ରାଜନୈତିକ ଦଳ ଅପେକ୍ଷା ଆଞ୍ଚଳିକ ଦଳ ମାଓବାଦ ନରମ ମନୋଭାବ ପୋଷଣ କରନ୍ତି। କିନ୍ତୁ ଏବେ କେନ୍ଦ୍ର ସରକାର ମାଓବାଦୀଙ୍କୁ ମୂଳପୋଛ କରିବାକୁ ଆଗକୁ ବଢ଼ିଛି। ଏ ପରିପ୍ରେକ୍ଷୀରେ ଏନ୍‌କାଉଣ୍ଟରରେ ୧୭ ମାଓବାଦୀ ନିପାତ ମାଓ ମୁକାବିଲାର ଆଉ ଏକ ଫର୍ଦ୍ଦ।

-ଡି.ପି. ତ୍ରିପାଠୀ, ପୁରୀ

### ଚିରନ୍ତନୀ

ଆଜି ତ ମନେ ପଡଇ ନାହିଁ
ସେ କେଉଁ ପଥେ ରହିଲି ଚାହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଶ୍ୱ ଦକ୍ଷତା କେନ୍ଦ୍ର ବୁଲି ଦେଖିଲେ ଗଡକରୀ

ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)



ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ କରିବାରେ ଏହି କେନ୍ଦ୍ର ବିଶେଷ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ହୋଇଛନ୍ତି। ଏହି ଅତ୍ୟାଧୁନିକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଛନ୍ତି। ଏହାପରେ ସେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଟ୍ରାଭେଲେଟର ଓ ଏସ୍କାଲେଟର ଲାବରେଟୋରି ସହ ଅଟୋମେସନ ଆଣ୍ଡ ବେସିକ୍ ରୋବୋଟିକ୍ସ ଲାବ୍ ଏବଂ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ବୁଲି ଦେଖିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରୀଛାତ୍ର ଓ ପ୍ରଶିକ୍ଷକଙ୍କ ସହ କଥା ହୋଇଛନ୍ତି। ଏହି ଅତ୍ୟାଧୁନିକ ଲାବରେଟୋରିରେ ସେମାନଙ୍କ ଦକ୍ଷତା ବିକାଶ ଏବଂ କ୍ୟାରିୟର ସ୍ୱପ୍ନ ପୂରଣ ଦିଗରେ କିପରି ସହାୟକ ହେଉଛି ସେ ବିଷୟରେ ପଚାରି ବୁଝିଛନ୍ତି। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ କରାଯାଉଛି। ଯୁବପିଢ଼ିଙ୍କ ଦକ୍ଷତାକୁ ନୂଆ ଉଚ୍ଚତାକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏ ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ବଡ଼ ଯୋଗଦାନ ରହୁଛି। ଏଠାରେ ଅତ୍ୟାଧୁନିକ ତାଲିମ ନେଇ ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ବିଶେଷ ପରିଚୟ ପାଇବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଯୋଗଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ, ୨ ଗୁରୁତର

### ବିବାହ ଶୋଭାଯାତ୍ରା ବେଳେ ଅଘଟଣ

ପରଜଙ୍ଗ, ୧୭।୪ (ନିଗମାନନ୍ଦ ଦଳବେହେରା)

ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଲଦା ପଞ୍ଚାୟତ କଣ୍ଢେଇଖୋଲ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଉଛନ୍ତି ତାଳଚେର ଥାନା ରେମୁଁଆ ଗ୍ରାମର ଗଣେଶ୍ୱର ହେମ୍ବ୍ରମ(୨୦)। ଗୁରୁତର ୨ ଜଣଙ୍କ ପରିଚୟ ମିଳିପାରି ନାହିଁ।

ସୂଚନା ମୁତାବକ, ମହାବିରୋଡ୍ ଥାନା ଘାଗରାମୁଣ୍ଡା ଗ୍ରାମରୁ ଏକ ବିବାହ ଶୋଭାଯାତ୍ରା ବାହାରି କଣ୍ଢେଇଖୋଲସ୍ଥିତ କନ୍ୟା ଗ୍ରାମରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ଚାଲିଥିବା ବେଳେ ଗ୍ରାମ ମଧ୍ୟଭାଗରେ ଓହଳି ରହିଥିବା ବିଦ୍ୟୁତ୍ ସର୍ଭିସ ତାରରେ ଏକ ଲାଇଟ ଷ୍ଟାଣ୍ଡ ଲାଗିଯିବାରୁ ୩ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପରଜଙ୍ଗ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗଣେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରଜଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ମୃତକଙ୍କ ଶାଳକ ଘାଗରାମୁଣ୍ଡା ଗ୍ରାମର ଦେବେନ ଦବାଙ୍ଗ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ଏଏସ୍‌ଆଇ ରମେଶ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

## ଶାସନ ସମସ୍ତଙ୍କ ପାଇଁ

ଅଧ୍ୟାପକ ସୁକାନ୍ତ ରାଉତ

ରାତିରେ ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ଜଣେ ଅସହାୟ ଅନ୍ଧୁଣୀର କୋଳରୁ ତା'ର ଶିଶୁପୁତ୍ରକୁ କିଏ ଚୋରିକରି ନେଲା। ଅନୁସନ୍ଧାନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଲା, ଅବିଳମ୍ବେ ଶିଶୁପୁତ୍ରକୁ ଉଦ୍ଧାର କରାଗଲା ଓ ଦୁର୍ବୃତ୍ତମାନଙ୍କୁ ଜେଲ ପଠେଇ ଦିଆଗଲା।

ପିଲା ଚୋରି ଘଟଣା ତ ନୂଆ ନୁହେଁ, ମେଡିକାଲରୁ ପିଲା ଚୋରି ହେବା ଗତ କିଛିବର୍ଷ ହେଲା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ସିସିଟିଭି କ୍ୟାମେରାର ନଜରରେ ତ ନିଶ୍ଚୟ, ଏପରି କି ଦୃଢ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଏଠି ଅସହାୟ ଅନ୍ଧୁଣୀଟିର ଶିଶୁପୁତ୍ରଟି ଉଦ୍ଧାର ହେଲା ବି କିଛି ନୂଆ ନୁହେଁ, ହେଲେ ଏତେ ତ୍ୱରିତ ଗତିରେ ଉଦ୍ଧାର ହେବା ଓ ଏ ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ଦପ୍ତର ତତ୍ପର ହେବା ଅଜଣା ଆଉ ଅଶୁଣା! କାରଣ ଆମ ବ୍ୟବସ୍ଥାରେ ରାସ୍ତାକଡ଼ର ଛୋଟ ଅସହାୟ ମଣିଷଟି ପାଇଁ ରାଜଦରବାର ବହୁତ ଦୂର, ଆଉ ରାଜା ପାଇଁ ଅସହାୟ କ୍ଷୁଦ୍ର ମଣିଷଟି ବିରାଟ ମୁଣ୍ଡବ୍ୟଥା।

କେତେବଡ଼ ଗୋଟେ ବାର୍ତ୍ତା ନ ଦେଉଛି ସତେ ଏ ଘଟଣାଟି ! ଯେମିତି କେହି ଜଣେ ଆଶ୍ୱାସନାର ପାପୁଲିରେ ପିଠି ଥାପୁଡାଇ ଦେଉଛି–ଏପରି ରାସ୍ତାକଡର ମଣିଷଟିର! ସେ ଆଉ କହିବନି ମୋର କେହି ନାହିଁ। ଅପ୍ରତ୍ୟାଶିତ ଓ ଅବିଶ୍ୱସନୀୟ ହେଲେ ବି ସୁଦ୍ଧା ଏହା ସତ! ଅପ୍ରତ୍ୟାଶିତ ଓ ଅବିଶ୍ୱସନୀୟ ଲାଗୁଛି ଏଇଥିପାଇଁ ଯେ ପୂର୍ବରୁ ଏମିତି କିଛି ଘଟିଥିବା ତ ଦୂରର କଥା ଅର୍ଥାତ୍ ରାସ୍ତାକଡର ଅସହାୟ ଅନ୍ଧୁଣୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ମୁଣ୍ଡ ଖେଳେଇବା। କାହା ଭାବନାରେ ବି କେବେ ଏହା ନ ଥିଲା ରାସ୍ତାକଡର ଜଣେ ଅନ୍ଧୁଣୀର ଛୋଟ ପୁଅଟି ଚୋରି ହୋଇଯିବ, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଖେଳିବ!

ରାସ୍ତାକଡରେ, ଗଛମୂଳରେ ବଞ୍ଚିଥିବା ଏ ଜୀବସବୁ କ'ଣ ମଣିଷ! 'ଉପାସିଆ ମଣିଷ ପାଇଁ ପିଲା ନୁହଁ ପେଟ ବଡ' ଭାବନାର ହିତକୁ ଖୁବ୍ କମ୍ ଲୋକ ଚିହ୍ନନ୍ତି, ଆମ ସମାଜରେ ଆଉ ଆମ ବ୍ୟବସ୍ଥା ଭିତରେ! ଆଉ ସେହି କମ୍‌ସଂଖ୍ୟକ ଲୋକ ଦେଖିପାରନ୍ତି ଯେ ରାସ୍ତାକଡର ଏଇ ଅନ୍ଧୁଣୀ ମା'ଟିର ପେଟରେ ଭୋକର ଯନ୍ତ୍ରଣା ଥାଇପାରେ, ଆଖିରେ ତା'ର ତେଜ ନ ଥାଇପାରେ, ହେଲେ ତା' ଛୁଆଟି ପାଇଁ ଛାତିରୁ ତା'ର ଝରି ଆସୁଥିବା ମାତୃତ୍ୱର ମୋହକୁ ମାପିହେବନି, ସେ ମୁଦ୍ରିତ ଆଖିରୁ ଝରି ଆସୁଥିବା ଲୁହକୁ କେବେ ରୋକିହେବନି। ଭୋକକୁ କିଏ ପଚାରେ, ଜୀବନ ବି ସେ ଦେଇଥାନ୍ତା ପୁଅ ପାଇଁ। ରାସ୍ତାକଡରେ ପଡିଥିଲେ ବି ସୁଦ୍ଧା ଅନ୍ୟମାନଙ୍କ ଭଳି ମହୀୟସୀ ସେ! ଆମ ମୁଖ୍ୟମନ୍ତ୍ରୀଙ୍କୁ ମା'ଟିର ଏ ଦୁର୍ଦ୍ଦଶା ନିଶ୍ଚୟ ବିଚଳିତ କରିଛି। ନିର୍ଦ୍ଦେଶ ଦେଲେ ସେ ନିଜ ଦପ୍ତରକୁ ଅନୁସନ୍ଧାନ ଉପରେ ଆଖି ରଖିବାକୁ, ଆଉ ବାର୍ତ୍ତାଦେଲେ ସମସ୍ତଙ୍କୁ, ଯାହାର କେହି ନାହିଁ ତା' ପାଇଁ ମୁଁ ଅଛି, ତୁମେ ଯିଏ ହୁଅ, ଗଛମୂଳର କି ରାସ୍ତାକଡର ମଣିଷ ହୁଅ, ତମ ଚିନ୍ତା ଆଉ କିଏ କରୁ ବା ନ କରୁ ମୁଁ କରୁଛି, ତୁମମାନଙ୍କର ମୁଖ୍ୟମନ୍ତ୍ରୀ କରୁଛି। ଇତିହାସ ତ ସବୁ ଲିପିବଦ୍ଧ କରିରଖୁଛି। ପୃଷ୍ଠା ଓଲଟାଇଲେ ବାହାରିବ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପୂର୍ବରୁ ଆଉ କାହା ଦରବାର ଅସହାୟ ମଣିଷକୁ ଲୋଡିବାକୁ ଏମିତି ରାସ୍ତାକଡକୁ ଓହ୍ଲେଇ ଆସିଥିଲା।

ଆଜି ଭାଜପା ସରକାରର ନେତୃତ୍ୱ ନେଉଛନ୍ତି ମୋହନ ମାଝୀ। ମନକୁ ସ୍ୱତଃ ପ୍ରଶ୍ନଟିଏ ପଶିଆସେ, ମୋହନ ମାଝୀଙ୍କ ବ୍ୟତୀତ ଆଉ କିଏ ମୁଖ୍ୟମନ୍ତ୍ରୀ ହୋଇଥିଲେ ଅସହାୟ ଅନ୍ଧୁଣୀ ମା'ଟି କ'ଣ ଏମିତି ତ୍ୱରିତ ନ୍ୟାୟ ପାଇଥାନ୍ତା ଏବଂ ଆଗରୁ ଯେଉଁମାନେ ଆମ ରାଜ୍ୟରେ ସରକାରର ମୁଖ୍ୟ ହୋଇଛନ୍ତି, ଏହିଭଳି ସମାଜର ତଳ ପାହାଚର ମଣିଷଟିର ଦୁର୍ଦ୍ଦଶା ପାଇଁ ବିନା ଦାବି ଓ ପ୍ରତିବାଦରେ ସ୍ୱତଃ ଏମିତି ବ୍ୟଥିତ ହେବାର ଦୃଷ୍ଟାନ୍ତ ଅଛି କି? ଗଣତାନ୍ତ୍ରିକ ସତ୍ତା ଭିତରେ ନେତୃତ୍ୱର ଦୃଷ୍ଟିଭଙ୍ଗୀ ହିଁ ମହତ୍ତ୍ୱପୂର୍ଣ୍ଣ, ନେତାଟି ନିଜକୁ ଜନଗଣଙ୍କ ଉପରେ ରାଜା ମହାରାଜା ବୋଲି ଭାବୁଛି ନା ଜନଗଣଙ୍କ ସହିତ ସମାନ ଧୂଳିମାଟିର ଜଣେ ବାସ୍ତବବାଦୀ ମଣିଷ ବୋଲି ନିଜକୁ ମଣୁଛି? ଜଣେ ଜନନେତାର ବ୍ୟକ୍ତିତ୍ୱ ତ୍ୟାଗ, ସହାନୁଭୂତିଶୀଳତା, ଦୁଃସାହସିକତା, ସରଳତା, ନିଷ୍କପଟପଣିଆ ଓ ସମାହାର। ସଙ୍କଟ ଭିତରୁ ସୃଷ୍ଟିହୁଏ ନେତାଟିଏ, ସଙ୍କଟକୁ ସାମ୍ନା କରୁ କରୁ ସେ ହୁଏ ଅଭିଜ୍ଞ। ସଙ୍କଟକୁ ସାମ୍ନାସାମ୍ନି ହେବାରେ ନ ଥିବ ଛଳନା, ଥିବ ଖାଲି ସମର୍ପଣ। ଏତିକି କରି ସର୍ବସାଧାରଣଙ୍କ ଶ୍ରଦ୍ଧା ଓ ସମ୍ମାନ ଜିଣିଥାଏ ଜଣେ ଗଣନେତା। ନିଜ ଡାଇନିଂ ଟେବୁଲ ଉପରେ ବଢ଼ାଯାଇଥିବା ପଖାଳ କଂସାରୁ ଗୋଟିଏ ଭାତକୁ ଟିପରେ ଧରି ଖାଇବାର ଅଭିନୟ କରି ନୁହଁ ବରଂ ସାଧାରଣ ଲୋକଟି ପାଖରେ ତଳେ ବସି ଖୁସିରେ ଶାଗପଖାଳ ଖାଇ ଜଣେ ଜନନେତା ହୁଏ, ଭରସାକରି ଭୋଟ ଦେଇଥିବା ଲୋକଙ୍କୁ ଦେଖା ନ ଦେଇ କବାଟ କିଳି ଘରେ ବସି ନୁହେଁ ବରଂ ଜନସାଧାରଣଙ୍କ ପାଇଁ ଦୁଆର ଖୋଲାକରି ଜଣେ ଜନନେତା ହୁଏ। ମଧୁବାବୁ, ଗୋପବନ୍ଧୁ, ଗାନ୍ଧୀ, ସୁଭାଷ ଆଦି ନେତୃତ୍ୱର ନୂଆ ପରିଭାଷା ଆମ ପାଇଁ ଲେଖିଯାଇଛନ୍ତି।

କେତେବର୍ଷ ହୋଇଗଲାଣି କେଜାଣି ସେ ହିସାବ ରଖିଛି କି ନାହିଁ, ପରୀର ମାତା ଟିକିଝିଅକୁ ହରାଇଦେଲେ, ହେଲେ କେହି ତାଙ୍କୁ ସେଦିନ ଆଣି ଫେରେଇ ଦେଲେନି! ସେମିତି କେତେବର୍ଷ ବିତିଗଲାଣି, ପିହୁର ମାତା କୁନିଝିଅକୁ ହରେଇଲେ, କେହି କ'ଣ ତାକୁ ଆଣି ଦେଲେ? ଅସହାୟ ଅନ୍ଧୁଣୀ ମା'ଟି କେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଦେଖିନାହିଁ, ହେଲେ ତା' ହଜିଲା ପୁଅକୁ କୋଳରେ ପାଇଲା ସଙ୍ଗେ ସଙ୍ଗେ ଆଖିର ଲୁହକୁ ପୋଛି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣେଇଲା। ଇଣ୍ଡିଆ ଟୁଡେ, ଆଉଟଲୁକ୍, ଏନ୍‌ଡିଟିଭି, ଜାତିସଂଘ ଦ୍ୱାରା ଶ୍ରେଷ୍ଠ ପ୍ରଶାସକ ବା ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଉପାଧି ପାଇବାକୁ ଯୋଗ୍ୟବ୍ୟକ୍ତି ଓ ସଂସ୍ଥାକୁ ବିବେଚନା କରିବା ଗୋଟେ ବାର୍ଷିକ ଗତାନୁଗତ କାର୍ଯ୍ୟ, ହେଲେ ନିଜ ରାଜ୍ୟର ରାସ୍ତାକଡରେ ଗଡୁଥିବା ଅନ୍ଧୁଣୀ ମା'ଟିର ଅକପଟ ଆଶିଷ ପାଇବା କେତେଜଣଙ୍କୁ ବା ଜୁଟେ!

GMAIL : SSUKANTAA@GMAIL.COM

## କୋରାପୁଟକୁ ପ୍ରଧାନମନ୍ତ୍ରୀ ପୁରସ୍କାର

ଭୁବନେଶ୍ୱର/କୋରାପୁଟ, ୧୭।୪ (ରବିନାରାୟଣ ଜେନା/ଅମିତାଭ ବେହେରା)

ଓଡ଼ିଶାର ପଛୁଆ ଜିଲା ଭାବେ ପରିଗଣିତ ହେଉଥିବା କୋରାପୁଟ ଏବେ ବିକାଶ କ୍ଷେତ୍ରରେ ଅଗ୍ରଗତି ହେଉଛି। ଜିଲାରେ ବିକାଶ ତ୍ୱରାନ୍ୱିତ ହେବା ସହିତ ସାଧାରଣ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱକୁ ନେଇ ୨୦୨୪ ବର୍ଷ ଲାଗି ପ୍ରଧାନମନ୍ତ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏନେଇ ଗୁରୁବାର କେନ୍ଦ୍ର ସରକାରଙ୍କ ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ପକ୍ଷରୁ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ସଚିବ ଭି. ଶ୍ରୀନିବାସ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଚଳିତମାସ ୨୧ରେ ନୂଆଦିଲ୍ଲୀ ବିଜ୍ଞାନଭବନରେ ସାଧାରଣ ସେବା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପୁରସ୍କାର ପ୍ରଦାନ କରିବେ। ଏଥିରେ ଯୋଗଦାନ ପୂର୍ବକ ଏହି ପୁରସ୍କାର ଗ୍ରହଣ କରିବାକୁ ସେ ଦର୍ଶାଇଛନ୍ତି।

ଏନେଇ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି, ଦେଶର ୭୧୦ଟି ଜିଲାରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ୧୪ ରାଉଣ୍ଡ ପରେ ଏହି ପୁରସ୍କାର ପାଇବାକୁ କୋରାପୁଟ ଜିଲା ପ୍ରଶାସନ ଯୋଗ୍ୟ ବିବେଚିତ ହୋଇଛି। ଜିଲାରେ ମା'ମାନଙ୍କ ଆନୁଷ୍ଠାନିକ ପ୍ରସବକୁ ଗୁରୁତ୍ୱ ଦେବା ସହିତ ଷ୍ଟ୍ରବେରି ଚାଷ ଓ ବିଶ୍ୱକର୍ମା ଯୋଜନା ଭଳି ବହୁ ଯୋଜନାକୁ ଗୁରୁତ୍ୱ ଦିଆଯାଉଛି।

## ବିଧାନସଭାରେ ବିଜୁଙ୍କୁ ଶ୍ରଦ୍ଧାସୁମନ



ଭୁବନେଶ୍ୱର, ୧୭।୪(ରବିନାରାୟଣ ଜେନା)

ବିଧାନସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ, ବିଧାୟକ ପ୍ରତାପ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଠକେଇ ମାମଲା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୭।୪ (ସୂର୍ଯ୍ୟକାନ୍ତ ବେହେରା)

ଦେଢ ଲକ୍ଷରୁ ଅଧିକ ଟଙ୍କା ଠକେଇ ମାମଲାରେ ମୈତ୍ରୀ ବିହାର ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନୟାପଲ୍ଲୀରେ ରହୁଥିବା ନୟାଗଡର ବିଭୂତି ଭୂଷଣ ବେହେରା। ଠକେଇର ଶିକାର ହୋଇଥିବା ମନୋଜ ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ମନୋଜ ବିଡିଏ କଲୋନୀ ଫେଜ–୧ରେ ପରିବାର ସହ ରହୁଥିବା ବେଳେ ଅଭିଯୁକ୍ତ ବିଭୂତି ହେଉଛନ୍ତି ତାଙ୍କ ପଡୋଶୀ। ପୂର୍ବରୁ ଉଭୟ ଗୋଟିଏ ସଂସ୍ଥାରେ କାର୍ଯ୍ୟ କରୁଥିବାରୁ ପରସ୍ପର ସହ ପରିଚୟ ଥିଲା।

SRI GOWTHAMI EDUCATIONAL INSTITUTIONS
Prakasam Dt,Andhra Pradesh-523247.
WANTED TEACHERS / LECTURERS

| School Level | +2 Level | +3 Level |
| --- | --- | --- |
| Highschool : Hindi, English, Mathematics, Biology, Chemistry, Social Studies, Physics, Computers; Principals | Lecturers : Mathematics, Physics, Chemistry, Commerce, Economics, Civics, Botany, Zoology, Sanskrit, English; Principals | Lecturers : Mathematics, English, Commerce, Physics, Chemistry, Computer Science |

Experience Preferable, Qualification: PG in Concerned Subjects with 55% ( Negotiable Salary )
Interseted Candidates Send their Resumes to sgeidirector@gmail.com
Venue: Odisha Teacher's Education and Training (OTET) C-16,HIG BDA Duplex,Baramunda Bhubaneswar,Odisha-751003
8599999686, 7032285130
9885306673, 8333905106

## ଆମ୍ବତୋଟାରେ ବୃଦ୍ଧଙ୍କୁ ଦଳିଦେଲା ହାତୀ

ବନ୍ତଳା, ୧୭।୪ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ବନାଞ୍ଚଳ କଞ୍ଚା ସେକ୍ସନ କଞ୍ଚା ଗାଁରେ ଗୁରୁବାର ହାତୀ ଆକ୍ରମଣରେ ସୋମନାଥ ବେହେରା (୬୦)ଙ୍କ ମୃତ୍ୟୁ ହୋଇଛି। ସୋମନାଥ ଭୋର୍‌ସମୟରେ ଆମ୍ବ ସଂଗ୍ରହ ପାଇଁ ଘରପାଖ ଆମ୍ବତୋଟାକୁ ଯାଇଥିବା ବେଳେ ସେଠାରେ ପୂର୍ବରୁ ଥିବା ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି ଆମ୍ବ ଗଛରେ ପିଟିଦେବାରୁ ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଜଣାପଡ଼ିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବନ୍ତଳା ପୋଲିସ ସହ ବନପାଳ ପ୍ରସନ୍ନ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଲୋକଙ୍କ ଦାବି ଅନୁଯାୟୀ ଗାଁ ଚାରିପାଖେ ଲାଗିଥିବା ସୋଲାର ବାଡ଼ର ଖରାପ ପ୍ୟାନେଲ ଶୀଘ୍ର ମରାମତି କରିବାକୁ ବନପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତ ସୋମନାଥଙ୍କ ପୁଅକୁ ଗଜସାଥୀ ଭାବେ ନିଯୁକ୍ତି ଓ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ନେଇ ବନ୍ତଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମୁକ ବଧିର ବେଶରେ ଚୋରି

ଭୁବନେଶ୍ୱର, ୧୭।୪(ସତ୍ୟଜିତ୍ ରାଉତ)

ମୁକ ବଧିର ବେଶରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଚୋରି କରୁଥିବା ଦୁଇ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ତିରୁପଥୁର ଅଞ୍ଚଳର ଚନ୍ଦ୍ରୁ ଡି ଜି ଓରଫ ଚନ୍ଦ୍ରୁ (୨୩) ଏବଂ ଟି କାଳିଆପାନ (୩୮)। ସେମାନଙ୍କଠାରୁ ୩ଟି ମୋବାଇଲ ଓ ୪ଟି ଲାପଟପ୍ ଜବତ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୁକ୍ତ ଚନ୍ଦ୍ରୁ ଓ କାଳିଆପାନ ମୁକ ଏବଂ ବଧିର ସାର୍ଟିଫିକେଟ୍ ଧରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳକୁ ଯାଉଥିଲେ। ଲୋକଙ୍କୁ ଦେଖିଲେ ମୁକ ବଧିର ଭଳି ଅଭିନୟ କରି ଭୁଆଁ ବୁଲାଉଥିଲେ। ସୁଯୋଗ ଦେଖି ଘରେ ପଶିବା ସହ ମୋବାଇଲ, ଲାପଟପ୍ ଆଦି ଚୋରିକରି କଳା କନା ବୁଲାଉଥିଲେ। ବିଶେଷକରି ଭୋର୍ ସମୟରେ ହିଁ କବାଟ ଖୋଲାଥିବା ଘରକୁ ଉଭୟ ଟାର୍ଗେଟ୍ କରୁଥିଲେ। ତେବେ ନୟାପଲ୍ଲୀ ବେହେରା ସାହିସ୍ଥିତ ପ୍ଲଟ୍ ନଂ.୮୭୨୨ରେ ରହୁଥିବା ଶିବ ପ୍ରସାଦ ସାହୁଙ୍କ ଘରକୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରି ସଫଳ ହୋଇଥିଲେ। ଫେବୃଆରୀ ୨୬ ଭୋର ସମୟରେ ଶିବ ନିଦରେ ଶୋଇଥିବା ବେଳେ ଚୋରଦ୍ୱୟ ତାଙ୍କ ଘରେ ପଶି ଗୋଟିଏ ଲାପଟପ ଏବଂ ୨ଟି ମୋବାଇଲ ନେଇଯାଇଥିଲେ। ଶିବଙ୍କ ଏତଲାକୁ ଆଧାର କରି ପୋଲିସ ମାମଲା (ନଂ.୭୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ସକାଳେ ଚନ୍ଦ୍ରୁ ସିଆର୍‌ପି ଛକ ଆଡେ ଯାଉଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ତାଙ୍କ ପାଖରୁ ୨ଟି ଲାପଟପ୍ ଓ ୨ଟି ମୋବାଇଲ ଜବତ ହୋଇଥିଲା। ପରେ ପୋଲିସ ଟିମ୍ ଭୁବନେଶ୍ୱର ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମ–୬ରେ ଚଢ଼ାଉ କରି କାଳିଆପାନକୁ ଧରିବା ସହ ତାଙ୍କଠାରୁ ୨ଟି ଲାପ୍‌ଟପ ଏବଂ ଗୋଟିଏ ମୋବାଇଲ ଜବତ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ କିଛିଦିନ ତଳେ ନିଜ ଗାଁକୁ ଯାଉଥିବା ବାଟରେ ପୋଲିସ ହାବୁଡରେ ପଡି ପୁଣି ଭୁବନେଶ୍ୱର ଖସି ଆସିଥିଲେ। ସେମାନେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ୩୨ଟି ଲାପଟପ ଏବଂ ୪୪ଟି ମୋବାଇଲ ସହ କିଛି ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଚୋରି କରି ନିଜ ଗାଁକୁ ଫେରୁଥିବା ବେଳେ ପେରାମ୍ବୁର ଷ୍ଟେଶନ ନିକଟରେ ରେଲ୍‌ୱେ ପୋଲିସ ସେମାନଙ୍କୁ ପିଛା କରିବା ଦେଖି ଚୋରା ମାଲ୍ ଛାଡି ଦେଇଥିଲେ। ଉଭୟଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୪୨ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ଚିନ୍ତା ଓ ଚେତନାର
୪୮ ତମ
ବୈଶାଖୀ
48th BAISHAKHI
ଓଡ଼ିଆ ନବବର୍ଷର ଅନନ୍ୟ ମହୋତ୍ସବ
Celebrating Golden Jubilee Years 50
ଓଡ଼ିଶା ତଥା ଦେଶର କୋଣ ଅନୁକୋଣରୁ ପ୍ରତିଷ୍ଠିତ ଓ ନୂତନ ପାରମ୍ପରିକ ଓ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ଦଳ ଏହି ମହୋତ୍ସବର ପ୍ରତିଦିନ ସନ୍ଧ୍ୟାରେ ସେମାନଙ୍କର କଳା-ନୈପୁଣ୍ୟ ପ୍ରଦର୍ଶନ କରିବେ।
ଓଡ଼ିଶାର ଅସ୍ମିତାକୁ ବିଶ୍ୱବିଦିତ କରିବାରେ ଚିନ୍ତା ଓ ଚେତନାର ଓଡ଼ିଆ ନବବର୍ଷ ମହୋତ୍ସବ ୪୮ତମ ବୈଶାଖୀ ଏକ ସ୍ୱତନ୍ତ୍ର ମହକରେ ଆପଣମାନଙ୍କୁ ଭିଜାଇଦେବ।
ପ୍ରତିଦିନ ସନ୍ଧ୍ୟାରେ ଦେଶ ଓ ରାଜ୍ୟର ବିଭିନ୍ନ କ୍ଷେତ୍ରର ଖ୍ୟାତନାମା ବ୍ୟକ୍ତିବିଶେଷ ଓ ନେତୃମଣ୍ଡଳୀ ଅତିଥି ଭାବେ ଯୋଗ ଦେଉଛନ୍ତି।
ଅପ୍ରେଲ ୧୫ ରୁ ୧୮ ତାରିଖ ପ୍ରତିଦିନ ସନ୍ଧ୍ୟା ୬ଟା
ସ୍ଥାନ : ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
ପ୍ରତିଦିନ ସନ୍ଧ୍ୟାର ସ୍ୱତନ୍ତ୍ର ଆକର୍ଷଣ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ପହଣ୍ଡି ଓ ଆରତି
ନବବର୍ଷର ଶୁଭେଚ୍ଛା ସହ ସମସ୍ତଙ୍କୁ ସାଦର ନିମନ୍ତ୍ରଣ
ଅପେକ୍ଷାରେ
ଚିନ୍ତା ଓ ଚେତନାର ବୈଶାଖୀ ପରିବାର
ଧରିତ୍ରୀ OrissaPOST OMC ODISHA OCPL Odisha Coal and Power Limited Odisha LIVE ଛପନଭୋଗ CHHAPANBHOGA MARUTI REPRINT




## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୧୭।୪(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ବିଜେପୁର ଗାଁର ଜଣେ ଯୁବକ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ହେଲେ ମକର ନାଏକ (୪୫)। ସୂଚନାନୁସାରେ ମକର ସକାଳେ ଗ୍ରାମ ନିକଟ ନଦୀକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଗ୍ରାମର କିଛି ଲୋକ ଗାଧୋଇବାକୁ ଯାଇ ନଦୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଭାସୁଥିବା ଦେଖି ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ବିଶ୍ୱମ୍ଭର କହଁର ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରୁ ମକରଙ୍କ ମୃତଦେହ ଉଦ୍ଧାର କରି ଲାଞ୍ଜିଗଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ତାଲିମ

**କର୍ଲାମୁଣ୍ଡା,୧୭।୪(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଗୁରୁବାର ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ବ୍ଲକ୍‌ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମଦାତା ଭାବେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ବିଡିଓ ଦେବେନ୍ଦ୍ର କୁମାର ସାମଲ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ମହେନ୍ଦ୍ର ରଣା, କଳାହାଣ୍ଡି ଜିଲା ଯୋଜନା ସମନ୍ୱୟ ୟୁନିଟ୍‌ର ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ନିରନ୍ତର ବିକାଶର ଲକ୍ଷ୍ୟ, ଦାରିଦ୍ର୍ୟମୁକ୍ତ, କ୍ଷୁଧାମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟିତ୍ୱ, ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁଭିତ୍ତିକ କାର୍ଯ୍ୟପନ୍ଥା ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଶିବିରାର୍ଥୀଭାବେ ଆଇସିଡିଏସ୍, ଶିକ୍ଷା ବିଭାଗ, ଶିକ୍ଷା ଅନୁଷ୍ଠାନ, କୃଷି ବିଭାଗ, ଜଳ ପରିମଳ, ଉଦ୍ୟାନ ବିଭାଗ, ମିଶନ ଶକ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଏନ୍‌ଜିଓ କର୍ମୀ ଅଂଶଗ୍ରହଣ କରିଥିଲେ।

### ପ୍ରଗତି ତାଲିମ ଶିବିର ଉଦ୍‌ଯାପିତ

**ଖଡ଼ିଆଳ,୧୭।୪ (ସୁଜିତ କୁମାର ପ୍ରଧାନ):** ନୂତନ ଶିକ୍ଷାନୀତି ୨୦୨୦ ଅନ୍ତର୍ଗତ ପ୍ରଧାନ ଶିକ୍ଷକଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ତଥା ବିଦ୍ୟାଳୟ ସାମଗ୍ରିକ ବିକାଶ ଉପରେ ପର୍ଯ୍ୟବସିତ ୩ ଦିନିଆ ପ୍ରଗତି ତାଲିମ ଶିବିର ଲୋହରାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫୦ ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶିବିରରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ, ବିଆର୍‌ସିସି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରେଶ କୁମାର ପଣ୍ଡା, ଲୋହରାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ଯୋଗଦାନକରି ଦିଗ୍‌ଦର୍ଶନ ଦେଇଥିଲେ। ସାଧନ ପ୍ରଶିକ୍ଷକ ଭାବେ ଯଶୋବନ୍ତ ନାରାୟଣ ପଣ୍ଡା, ଚମ୍ପେରାମ ବାରିକ, ଅଜିତ କୁମାର ବିଶି, ଜଗବନ୍ଧୁ ବାଗ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

# ମାଝିପଡ଼ାରେ କିଡ୍‌ନୀ ରୋଗର ଭୟାବହତା

- ୪ବର୍ଷରେ ଗଲାଣି ୯ ଜୀବନ, ୩ ଆକ୍ରାନ୍ତ
- ନଳକୂପର ଦୂଷିତ ପାଣି ମୁଖ୍ୟ କାରଣ

**କଲମପୁର,୧୭।୪(ଗଣେଶରାମ ବାଗ)**


ନଳକୂଅରୁ ପାଣି ନମୁନା ସଂଗ୍ରହ କରୁଛନ୍ତି ବିଭାଗୀୟ କର୍ମଚାରୀ।

କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ମାଝି ପଡ଼ାରେ କିଡ୍‌ନୀ ରୋଗର ଭୟାବହତା ଦେଖାଦେଇଛି। ବିଗତ ୪ବର୍ଷ ମଧ୍ୟରେ ଏହି ରୋଗରେ ଗ୍ରାମର ୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ୩ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଗ୍ରାମର ନଳକୂପରୁ ବାହାରୁଥିବା ଦୂଷିତ ପାଣି ଏହାର କାରଣ ବୋଲି କୁହାଯାଉଛି।

ଶୁଦ୍ଧ ପାନୀୟ ଜଳ ପାଇଁ ମାଝିପଡ଼ାବାସୀ ପ୍ରାୟ ୫୦ବର୍ଷ ତଳେ ନିଜସ୍ୱ ଉଦ୍ୟମରେ ଏକ ନଳକୂପ ଖୋଳିବା ନିଷ୍ପତ୍ତି ନେଇ ଏଥିରେ ସଫଳ ହୋଇଥିଲେ। ଗ୍ରାମବାସୀଙ୍କ କହିବା କଥା ନଳକୂପ ଖନନ ପରେ ଆମ ପଡାର ୮୦ ଘରର ଲୋକ ପାଣି ବ୍ୟବହାର କରିଆସୁଥିଲୁ। ହେଲେ ବିଗତ ୧୦ବର୍ଷ ହେବ ନଳକୂପରୁ ମଇଳା ଆବର୍ଜନା ମିଶ୍ରିତ ପାଣି ବାହାରିବାରେ ଲାଗିଲା। ଏପରି କି ପାଣି ବେରଙ୍ଗ ହେବା ସହ ଦୁର୍ଗନ୍ଧ ବାହାରିଲା। ବିକଳ୍ପ ନ ଥିବାରୁ ଆମେ ବାଧ ହୋଇ ସେହି ପାଣି ବ୍ୟବହାର କଲୁ। ଫଳରେ କିଡ୍‌ନୀ ରୋଗ ବ୍ୟାପିବାରେ ଲାଗିଲା। ଏହି ରୋଗରେ ବିଗତ ୪ ବର୍ଷ ମଧ୍ୟରେ ୯ଜଣଙ୍କ ମୃତ୍ୟୁ ଘଟିଲାଣି। ଏମାନଙ୍କ ମଧ୍ୟରେ ୪ଜଣ ମହିଳା ଓ ୫ଜଣ ପୁରୁଷ ରହିଛନ୍ତି। ସେମାନେ ହେଲେ ସୁନାନ୍ତିନୀ ମାଝି, ସୁକାନ୍ତି ମାଝି, ମଥୁରା ମାଝି, ସୁଲୋଚନା ମାଝି, ଡମ୍ବରୁଧର ମାଝି, ସ୍ୱୟମ୍ବର ମାଝି, ତୁଳସୀରାମ ମାଝି, ଲିଙ୍ଗରାଜ ମାଝି ଓ ସୁଦାମ ଚରଣ ମାଝି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଗ୍ରାମର ମଧୁସୂଦନ ମାଝି, ନିର୍ମଳ ଚନ୍ଦ୍ର ମାଝି ଓ ଉଦିତ ମାଝି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏ ନେଇ ପ୍ରେମଶିଳା ମାଝି, ପଦ୍ମିନୀ ମାଝିଙ୍କ ନେତୃତ୍ୱରେ ମାଝିପଡାର ମହିଳାମାନେ ବିଡ଼ିଓଙ୍କ ଦାରସ୍ଥ ହୋଇଥିଲେ। ଅଭିଯୋଗ ପାଇବା ପରେ ବିଡିଓ ବିଜୟ ମାଣ୍ଡାଙ୍ଗି ପଡ଼ାକୁ ଯାଇ ଘଟଣାର ଅନୁଧ୍ୟାନ କରିବା ସହିତ ବ୍ଲକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ କରିଥିଲେ। କନିଷ୍ଠ ଯନ୍ତ୍ରୀ ଦୁଃଖବନ୍ଧୁ ରାହୁଲ ଏକ ଟିମ୍ ସହ ପଡାକୁ ଯାଇ ନଳକୂପ ପାଣିର ନମୁନା ସଂଗ୍ରହ ସହ ନଳକୂପ ପାର୍ଶ୍ୱରେ ବ୍ଲିଚିଂ ସିଞ୍ଚନ କରିଥିଲେ। ପଡାବାସୀ ତୁରନ୍ତ ଏକ ନଳକୂପ ଖନନ କରିବାକୁ ଦାବି କରିଛନ୍ତି। ପଣ୍ଡିଗାଁ ସରପଞ୍ଚ କବିତା ଜୈନ ଏହାକୁ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। କନିଷ୍ଠ ଯନ୍ତ୍ରୀ ରାଉଳ କହନ୍ତି, ଆମେ ପାଣିର ନମୂନା ଆଣି ଜିଲା ଲେବରେଟୋରିକୁ ପଠାଇଛୁ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ। ନଳକୂପରେ ଥିବା ସମୁଦାୟ ପାଣି ବାହାର କରିବାକୁ ମେଶିନ ମଗାଇଛୁ। ଦିନେ ଦୁଇଦିନ ମଧ୍ୟରେ ନଳକୂପ ପାଣି ସଫା ହୋଇଯିବ ବୋଲି ପ୍ରକାଶ କରିଛନ୍ତି। ବିଡିଓ ମାଣ୍ଡାଙ୍ଗି କହନ୍ତି, ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇଥିଲି। ଯାହା ଆମ ଦ୍ୱାରା ସମ୍ଭବ ତାହା ନିଶ୍ଚିତ ଭାବେ କରାଯିବ ବୋଲି କହିଛନ୍ତି।

# ସହର ଅଳ୍ପ ଦୂରରେ ଧର୍ମଗଡ ରୋଡ୍ ଷ୍ଟେଶନ ସ୍ଥାପନ ଆଶା ଉଜ୍ଜ୍ୱଳ


ବିଧାୟକ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ମ୍ୟାପ ଦେଖାଉଛନ୍ତି।

**ଧର୍ମଗଡ, ୧୭।୪ (ଆକାଶ କୁମାର ଜଗତ)**

ଜୁନାଗଡ଼ ରୋଡ-ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପରେ ଧର୍ମଗଡ ରୋଡ଼ ଷ୍ଟେଶନ ସହରରୁ ଅଳ୍ପ ଦୂରରେ ସ୍ଥାପନ କରିବା ପାଇଁ ବିଧାୟକ ସୁଧିର ରଞ୍ଜନ ପାଟଯୋଷି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏପରି କି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପୂର୍ବତଟ ରେଳବାଇ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀନିବାସ ରାଓଙ୍କୁ ଭେଟି ଆଲୋଚନା କରିଥିଲେ। ତଦନୁଯାୟୀ ଡେପୁଟି ଚିଫ୍ ଇଞ୍ଜିନିୟର ମିନେକେଶ୍ୱର ରାଓ ଗୁରୁବାର ଧର୍ମଗଡ଼ରେ ପହଞ୍ଚି ପ୍ରସ୍ତାବିତ ଧର୍ମଗଡ଼ ରୋଡ ଷ୍ଟେଶନ ମ୍ୟାପ ଦେଖାଇଥିଲେ। ଏହି ସମୟରେ ବିଧାୟକ ପାଟଯୋଷୀଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଓକିଲ ସଂଘର କର୍ମକର୍ତ୍ତା, ଭାଜପା ଜିଲା ସଭପତି ଯୁଗଳ କିଶୋର ପୋଦ୍ଦାର, ପୂର୍ବତନ ସଭାପତି ଧନଞ୍ଜୟ ପାତ୍ର, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶିଘ୍ର ଏହି ଅଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ ହେବ ବୋଲି ବରିଷ୍ଠ ଅଧିକାରୀ ରାଓ ପ୍ରକାଶ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଧର୍ମଗଡ଼ ରେଳ ଯାତ୍ରୀ ସଂଘ ସଭାପତି ହୃଷିକେଶ ମିଶ୍ର, ସାଧାରଣ ସମ୍ପାଦକ ଇଙ୍ଗିତ ପଣ୍ଡା, ଜଗନ୍ନାଥ ସେବା ସମିତି ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଭାଜପା ଯୁବନେତା ହିମାଂଶୁ ପଣ୍ଡା ଉପସ୍ଥିତ ଥିଲେ।


ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନୂଆପଡ଼ା,୧୭।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଘାଟିପଡା ଛକ ବିଜୁ ଏକ୍ସପ୍ରେସ ୱେଠାରେ ପ୍ରତିଷ୍ଠିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଅନାବରଣ ଗୁରୁବାର ତାଙ୍କ ୨୮ ତମ ଶ୍ରାଦ୍ଧ ଦିବସରେ ଅନୁଷ୍ଠିତ ହୋଇଯାଇଛି। ଏହା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା ଦୀପ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, କୁରୁମପୁରି ସରପଞ୍ଚ ରଘୁଧର ବଘେଲ, ସମିତି ସଭ୍ୟା ଭୁଗଲି ସୁନାନି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନୀତି ଆଦର୍ଶକୁ ସର୍ବ ଦଳୀୟ ନେତା ସମ୍ମାନ ଦେଉଥିଲେ। ସେ କେବଳ ଓଡ଼ିଶା ନୁହେଁ ସାରା ବିଶ୍ୱରେ ସୁପରିଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରି ସାହୁ, ଜିଲା ପରିଷଦ ଉମା ଠାକୁର, ଧନୀରାମ ସାହୁ, କାର୍ତ୍ତିକ ଦୀପ, ନିଳକମଳ ଚନ୍ଦ୍ରକାର, ଜୟ ଢୋଲକିଆ, ବିଜେଡି ମହିଳା ଜିଲା ସଭାପତି ସରସ୍ୱତୀ ବାଗ, ରମାକାନ୍ତ ଠାକୁର ଉପସ୍ଥିତ ଥିଲେ।

### ବିଫଳତାରୁ ଶିଖିଲେ ସଫଳତା ମିଳିବ

**ନୂଆପଡ଼ା,୧୭।୪(ମକାରୁ ବେମାଲ)**

ନୂଆପଡ଼ା ଆଦର୍ଶ ଆବାସିକ ବିଦ୍ୟାଳୟର ୯ତମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଇଂରାଜୀ ଅଧ୍ୟାପକ ଲୋହିତାକ୍ଷ ଯୋଶୀ ମୁଖ୍ୟବକ୍ତା, ବୋଡେନ କଲେଜର ଇଂରାଜୀ ଅଧ୍ୟାପକ ସାମୁଏଲ ଦାନୀ ସମ୍ମାନିତ ବକ୍ତା ଓ ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ବିକେ ରଶ୍ମିତା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ କିଛି ଅସମ୍ଭବ ନୁହେଁ। ଦୃଢ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ। ସାଧନା ବିନା ସିଦ୍ଧି ଅସମ୍ଭବ। ବିଫଳତାରୁ ଶିଖିଲେ ନିଶ୍ଚିତ ଭାବେ ସଫଳତା ମିଳିବ। ମାତାପିତା ହିଁ ସଫଳତାର ମୂଳ ଗୁରୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଲାଞ୍ଜିଗଡ଼, ୧୭।୪(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ କ୍ଲଷ୍ଟର ଅନ୍ତର୍ଗତ କିଡିଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟଅତିଥି, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ମୁଖ୍ୟ ବକ୍ତା ଓ ଲାଞ୍ଜିଗଡ଼ ରୋଡ଼ ସରପଞ୍ଚ ମମତା ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳ ଦେବ, ବିସମିଲ୍ଲା ଖାଁ ଉପାଧିପ୍ରାପ୍ତ କଳାହାଣ୍ଡି ଲୋକ କଳାକାର ସର୍ବେଶ୍ୱର ଭୋଇ, ଗାୟକ ତ୍ରିଲୋଚନ ସୁନା, ସିକେରକୁପା ଫାଣ୍ଡି ଅଧିକାରୀ ମିନକେତନ ଶବର, ପରିଚାଳନା କମିଟି ସଭାପତି ମୁନି ରାମ ଶବର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ରୋଜି ବଗର୍ତ୍ତୀ, ଆରତୀ ବାଗ ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷୟିତ୍ରୀ ମମତା ଚାନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିନାଥ ପଣ୍ଡା, ପୁରାତନ ଛାତ୍ରୀ ସଞ୍ଜୁ ଲତା ନାଏକ, ପୂର୍ଣ୍ଣିମି ବଗର୍ତ୍ତୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ

**ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)**


ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ଅବସରରେ ଗୁରୁବାର କଳାହାଣ୍ଡି ଜିଲା ବିଜେଡି ପକ୍ଷରୁ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଭବାନୀପାଟଣା ହସ୍ପିଟାଲ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତୃମଣ୍ଡଳୀ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ଓଡ଼ିଆ ଜାତି ପାଇଁ ବିଜୁ ବାବୁଙ୍କ ଅବଦାନକୁ ସ୍ମରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଏହି ଅବସରରେ ଭବାନୀପାଟଣା ସହରର ରାମସାଗର ବନ୍ଧଠାରେ ତିଳ ତର୍ପଣ ଅର୍ପଣ ସହ ଅନ୍ଧ, ମୂକ, ବଧିର ବିଦ୍ୟାଳୟରେ ଫଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଦୁଷ୍ମନ୍ତ ନାଏକ, ପୋରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମିଶ୍ର, ଜାକୀର ହୁସେନ, ପ୍ରଦୀପ ମୁଣ୍ଡ, ସାରଦା ପ୍ରସନ୍ନ ସ୍ୱାଇଁ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ମହିଳା ସଭାନେତ୍ରୀ ଲଳିତା ନାଏକ, ଟାଉନ ସଭାପତି ଧବଳେଶର ମହାପାତ୍ରଙ୍କ ସମେତ ପୌରପାଳିକାର ସମସ୍ତ ବିଜେଡି କାଉନସିଲର ଯୋଗଦେଇଥିଲେ।

# ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଖଡ଼ିଆଳ,୧୭।୪ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ପିଏମଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବରେ ପ୍ରତ୍ନତତ୍ତ୍ୱବିତ୍ ଡ. ଜିତାମିତ୍ର ପ୍ରସାଦ ସିଂହଦେବ ଓ ନୂଆପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଏନ୍ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା, ରାଜା ଏ.ଟି. ହାଇସ୍କୁଲ ଆଲୁମ୍‌ନି ସଂଘ ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ରାଟ ପାତ୍ର ଯୋଗଦେଇ ଶିକ୍ଷାର୍ଥୀ ଜୀବନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କୋଣାର୍କ ସ୍ପିନିଂ ମିଲ୍ ପୁନରୁଦ୍ଧାର ଦାବି

**ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)**


ମୁଖ୍ୟ ଶାସନ ସଚିବଙ୍କୁ ଭେଟୁଛନ୍ତି ନବରଙ୍ଗପୁର ସାଂସଦ ଓ ସାଇନିଂ କଳାହାଣ୍ଡି ଅଧ୍ୟକ୍ଷ।

କଳାହାଣ୍ଡିର କେସିଙ୍ଗା କୋଣାର୍କ ସ୍ପିନିଂ ମିଲ୍‌କୁ ପୁନରୁଦ୍ଧାର କରିବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ନବରଙ୍ଗପୁର ଲୋକ ସଭା ସଦସ୍ୟ ବଳଭଦ୍ର ମାଝୀଙ୍କ ଜରିଆରେ ସାକ୍ଷାତ କରିଛନ୍ତି ସାଇନିଂ କଳାହାଣ୍ଡି ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ। ଏ ନେଇ ସେ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପୂର୍ବତନ ଜିଲାପାଳ କେସିଙ୍ଗା ଜିନିଂ ମିଲ୍‌କୁ ଦେଢ଼କୋଟି ଓ ସ୍ପିନିଂ ମିଲ୍‌କୁ ୫୦କୋଟି ଟଙ୍କା ଆର୍ଥିକ ଅନୁଦାନ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ଉଭୟ ମିଲ୍ ପାଇଁ ଆର୍ଥିକ ଆବଣ୍ଟନ କରାଗଲେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ରାୟଗଡ଼ା ଓ ନବରଙ୍ଗପୁର ଜିଲାର ଚାଷୀ ଉପକୃତ ହେବା ସହ ବାର୍ଷିକ ୪୦ ହଜାର କର୍ମସଂସ୍ଥାନ ଯୋଗାଇବାରେ ସକ୍ଷମ ହୋଇପାରିବ। ୨ହଜାର କୁଇଣ୍ଟାଲ କପା ଉତ୍ପାଦନରୁ ଆରମ୍ଭ ହୋଇଥିବା ମିଲ୍ ଏବେ ୭ ଲକ୍ଷ କୁଇଣ୍ଟାଲରେ ପହଞ୍ଚିଲାଣି। ଏଥିରେ ଗୋଟିଏ ନୁହେଁ ୩ଟି ସୂତାକଳ ଚାଲିପାରିବ। ସରକାର କେବିକେ ଜିଲାର କପାକୁ ଆକଳନ କରି କାରଖାନା ଆରମ୍ଭ କରିଥିଲେ। କେବିକେ କପା ଆକଳନକୁ ଦେଖିଲେ ୮ଟି ସୂତାକଳ ଏହି କପାରେ ଚାଲିପାରିବ। ଏଠାରୁ କପା ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ ଯାଇ ସେଠୁ ସୂତା ହୋଇ ପୁଣି ରାଜ୍ୟକୁ ଆସୁଛି। ଏଠି ସୂତାକଳ ଥିଲେ ବୁଣାକାର ଶସ୍ତାରେ ସୂତା ପାଆନ୍ତେ। ହେଲେ ନିଜ ଜିନିଷ ଅନ୍ୟ ରାଜ୍ୟକୁ ଯିବା ଫଳରେ ବୁଣାକାର ମହଙ୍ଗାରେ ସୂତା କିଣୁଛନ୍ତି। ଏହାଦ୍ୱାରା ବିଭିନ୍ନ କପଡ଼ାର ମୂଲ୍ୟ ବୃଦ୍ଧି ହେଉଛି। ଏଥିପ୍ରତି ତୁରନ୍ତ ରାଜ୍ୟ ସରକାର ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ଆମ୍ବେଦକରଙ୍କ ଉପରେ ଜାତୀୟ ଆଲୋଚନାଚକ୍ର

**ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)**


ଜାତୀୟ ଆଲୋଚନା ଚକ୍ରରେ ଉପସ୍ଥିତ ଆଲୋଚକ ଓ ଅନ୍ୟମାନେ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ସହଯୋଗରେ ସମାଜବିଜ୍ଞାନ ବିଭାଗ ପକ୍ଷରୁ ଡ. ବି.ଆର୍ ଆମ୍ବେଡକରଙ୍କ ୧୩୪ତମ ଜନ୍ମବାର୍ଷିକୀ ଅବସରରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେମିନାରର ଶୀର୍ଷକ ଥିଲା ସମସାମୟିକ ଭାରତରେ ଗଣତନ୍ତ୍ର, ଅଧିକାର ଓ ସାମାଜିକ ନ୍ୟାୟ: ଡ. ବି.ଆର୍. ଆମ୍ବେଡକରଙ୍କ ଦୃଷ୍ଟିକୋଣ। ଏଥିରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଜି. ନାଗରାଜୁ ଯୋଗ ଦେଇଥିଲେ। ସେହିପରି ପ୍ୟାନେଲ ଅତିଥି ଭାବେ ଈଶ୍ୱର ଚନ୍ଦ୍ର ନାୟକ (ସହକାରୀ ପ୍ରଫେସର, ସମାଜବିଜ୍ଞାନ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ), ଡ. ମନୋଜ କୁମାର ନାଗ (ରାଜନୈତିକ ବିଜ୍ଞାନର ସହକାରୀ ପ୍ରଫେସର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ), କ୍ଷିରୋଦ ବି.ବି. ନାଗ (ତହସିଲଦାର,କୋକସରା), ଝରଣା ରାଣୀ ଧଙ୍ଗଡାମାଝୀ (ସହକାରୀ ପ୍ରଫେସର, ଇଂରାଜୀ ବିଭାଗ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା)। ମୁଖ୍ୟ ଅତିଥି ପ୍ରଫେସର ଜି. ନାଗାରାଜୁ ଆମ୍ବେଦକରଙ୍କ ମାନବତା ପ୍ରତି ଅବଦାନ ଏବଂ ସାଂସ୍କୃତିକ ମହାଶକ୍ତିବାଦର ବାସ୍ତବତା ବିଷୟରେ ଆଲୋଚନା କରିଥିଲେ। ଡକ୍ଟର ଈଶ୍ୱର ଚନ୍ଦ୍ର ନାୟକ ଦୈନନ୍ଦିନ ଜୀବନରେ ଜାତିର ଅଭିଜ୍ଞ ବାସ୍ତବତା କହିଥିଲେ। କ୍ଷିରୋଦ ବି.ବି. ନାଗ ସାମାଜିକ ଗଣତନ୍ତ୍ର ଏବଂ ସାମାଜିକ ଗଣତନ୍ତ୍ରର ଚ୍ୟାଲେଞ୍ଜ ବିଷୟରେ ବ୍ୟାଖ୍ୟା କରିଥିଲେ। ଡକ୍ଟର ଝରଣାରାଣୀ ଧଙ୍ଗଡାମାଝୀ ଜାତି, ଶ୍ରେଣୀ ଏବଂ ଲିଙ୍ଗ: ସାମାଜିକ ନ୍ୟାୟ ପାଇଁ ଆମ୍ବେଦକରଙ୍କ ଢାଞ୍ଚା ବିଷୟରେ ବ୍ୟାଖ୍ୟା କରିଥିଲେ। ସଂଯୋଜକ ଭାବେ ଡ. ବିରେନ୍ଦ୍ର ସୁନା (ସମାଜବିଜ୍ଞାନ ବିଭାଗର ମୁଖ୍ୟ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ) ରହିଥିଲେ।

## ସଂକ୍ଷେପରେ

### ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

**ବୌଦ୍ଧ,୧୭।୪(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ବୌଦ୍ଧ ବ୍ରିଜ୍ ଛକ ଓ ଚାରିଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ବାସଭବନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦଳୀୟ ନେତାମାନେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଆଲୋଚନାଚକ୍ରରେ ଏନ୍ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପରିଷଦ ଅଧ୍ୟା ପ୍ରଭାସିନୀ ଦାସ, ଅଶୋକ କୁମାର ସାହୁ, ପ୍ରଦୀପ୍ତ ସାହୁ, ସୁବୋଧ ପ୍ରଧାନ, ମନୋରଞ୍ଜନ ପୁରୋହିତ, ଅବକାଶ ସାହୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ନୂତନ ବିଡିଓ ଭାବେ ମନୋଜଙ୍କ ଦାୟିତ୍ୱଗ୍ରହଣ

**ପଦ୍ମପୁର,୧୭।୪(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକର ନୂତନ ବିଡିଓ ଭାବରେ ମନୋଜ କୁମାର ଦେବତା ଗୁରୁବାର



ଅପରାହ୍ନ ୧ଟାରେ ଦାୟିତ୍ୱଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଜି ଉଦୟଗିରି ବିଡିଓ, କନ୍ଧମାଳ ସହକାରୀ ଉପଜିଲାପାଳ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ପଦ୍ମପୁର ବ୍ଲକର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ବର୍ତ୍ତମାନ ଗ୍ରୀଷ୍ମପ୍ରବାହରେ ପିଇବା ପାଣି ଯୋଗାଣକୁ ଅଗ୍ରାଧିକାର ଦିଆଯିବ ବୋଲି ବିଡିଓ ଦେବତା କହିଛନ୍ତି। ବ୍ଲକ ଅଧ୍ୟକ୍ଷ ରନଜିତ ସିଂ ବରିହା, ଉପାଧ୍ୟକ୍ଷ ସଂଯୁକ୍ତ ଚାନ୍ଦ ଓ ଗଣମାଧ୍ୟମର ପ୍ରତିନିଧି ବିଡିଓଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

**ବୌଦ୍ଧ,୧୭।୪(ଅଜିତ କୁମାର ବାରିକ):** ବୌଦ୍ଧ ଓ ହରଭଙ୍ଗା ଅବକାରୀ ବିଭାଗ ଗୁରୁବାର ଚଢାଉ କରି କାର୍ ସହ ମୋଟ୍ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୌଦ୍ଧ ଜିଲା ବନ୍ଧାପଥର ଗ୍ରାମର ନିରଞ୍ଜନ ସାହୁ ଏବଂ ଜାମୁପାଲି ଗ୍ରାମର ଚତୁର୍ଭୁଜ ଭୋଇ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସକାଳେ ବୌଦ୍ଧରୁ ଅନୁଗୋଳ ଜିଲାକୁ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିଲା। ଖବର ପାଇ ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀ ଧଳପୁର ମହାନଦୀ ବ୍ରିଜ୍ ଉପରେ ଏକ ଧଳା ରଙ୍ଗର କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ୩ଟି ବସ୍ତାରେ ୬୦ କେଜି ଗଞ୍ଜେଇ ବାହାରିଥିଲା। କାର୍‌ରୁ ବନ୍ଧାପଥର ଗ୍ରାମର ନିରଞ୍ଜନଙ୍କୁ ଗିରଫ କରାଯାଇଥିଲା। ସେହିପରି ହରଭଙ୍ଗା ଅବକାରୀ ବିଭାଗ ପକ୍ଷରୁ ସାକୁସିଙ୍ଗା ରାସ୍ତାକଡ଼ରୁ ୨ଟି ବସ୍ତାରୁ ୪୦କେଜି ଗଞ୍ଜେଇ ଜବତ କରିବା ସହ ଜାମୁପାଲି ଗ୍ରାମର ଚତୁର୍ଭୁଜଙ୍କୁ ଗିରଫ କରାଯାଇଥିଲା। ଏ ନେଇ ପୃଥକ୍ ୨ଟି ମାମଲା ରୁଜୁ ହୋଇଛି। ଚଢାଉରେ ଅବକାରୀ କର୍ମଚାରୀ ଗଦାଧର ମହାରଣା, ରବିନ୍ଦ୍ର ନାଥ ପ୍ରଧାନ, ଅଞ୍ଜଳି ଅମାତ, ସୁଜିତ କୁମାର ସାହୁ, ହୃଷୀକେଶ ବାରିକ ଓ ଲୋକନାଥ ଭୋଇ ସାମିଲ ହୋଇଥିଲେ।

# ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ, ଘର ଖାଲି କରିବାକୁ ନିର୍ଦ୍ଦେଶ

**ଲେଙ୍ଗୁ ମିଶ୍ର ଛକ -ଜୀରାବ୍ରିଜ୍ ରାସ୍ତା ଜବରଦଖଲ**

- ଜବରଦଖଲକାରୀଙ୍କୁ ୧୫ଦିନର ମହଲତ୍
- ରାସ୍ତାର ୬୦ଫୁଟ ଜାଗା ବି ଜବରଦଖଲରେ

**ବରଗଡ,୧୭।୪(ପ୍ରେମାନନ୍ଦ ଖମାରୀ)**



ମାପଚୁପରେ ସାମିଲ ଥିବା କର୍ମଚାରୀବୃନ୍ଦ।

ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଅଭିଯାନ ପୁଣି ଆରମ୍ଭ ହୋଇଛି। ଗୁରୁବାରରୁ ପୁଣି ଏହି ରାସ୍ତାରେ ମାପଚୁପ ଆରମ୍ଭ ହୋଇଛି। ମାପଚୁପରେ ଏହି ରାସ୍ତାର ଜବରଦଖଲ ଅଂଶ ଚିହ୍ନଟ କରାଯାଉଛି। ପୌର ପ୍ରଶାସନର ଉପସ୍ଥିତିରେ ରାଜସ୍ୱ ବିଭାଗ କର୍ମଚାରୀମାନେ ଚିହ୍ନଟ ପ୍ରକ୍ରିୟାରେ ସାମିଲ ଅଛନ୍ତି। ଚିହ୍ନଟ ଅଂଶକୁ ଲାଲ ରଙ୍ଗରେ ସୂଚାଇ ଦିଆଯାଉଛି। ମାପଚୁପରେ ଯେଉଁଭଳି ତଥ୍ୟ ସାମ୍ନାକୁ ଆସୁଛି, ତାହା ସହରବାସୀଙ୍କୁ ବିସ୍ମିତ କରି ପକାଉଛି। ରାସ୍ତାର କିଛି ସ୍ଥାନରେ ୬୦ଫୁଟ ପର୍ଯ୍ୟନ୍ତ ଜବରଦଖଲ ହୋଇ ସେଠାରେ କୋଠାବାଡ଼ି ଗଢି ଉଠିଥିବା ପରିଲକ୍ଷିତ ହୋଇଛି। ଚିହ୍ନିତ ଅଂଶକୁ ଉଚ୍ଛେଦ କରାଯିବ ବୋଲି ବିଭାଗୀୟ କର୍ମଚାରୀମାନେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜବରଦଖଲକାରୀଙ୍କୁ ପୌର ପ୍ରଶାସନ ନୋଟିସ କରିଛି। ନୋଟିସ ପାଇବାର ୧୫ଦିନ ମଧ୍ୟରେ ଜବରଦଖଲରେ ରହିଥିବା ଦୋକାନ, କୋଠାବାଡ଼ି ଘର ଖାଲି କରିବା ପାଇଁ ଜବରଦଖଲକାରୀଙ୍କୁ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ୧୫ଦିନର ରହିତାଦେଶ ଦେଇଥିବା ସୂଚନା ମିଳିଛି। ୧୫ଦିନ ପରେ ଜବରଦଖଲରେ ରହିଥିବା ଚିହ୍ନିତ ଅଂଶକୁ ସମୁଦାୟ ଉଚ୍ଛେଦ କରାଯିବ ନା ଆଂଶିକ ଉଚ୍ଛେଦ କରି ବିଭିନ୍ନ ଆଳରେ ପୁଣି ସମୟ ଗଡ଼ିବ, ସେଥିପ୍ରତି ସଭିଙ୍କ ନଜର ରହିଛି। ସୂଚନା ଅନୁଯାୟୀ, ଏକଦା ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକ– ପୁରୁଣା ଜୀରାବ୍ରିଜ ରାସ୍ତା ଜାତୀୟ ରାଜପଥଭାବେ ରହିଥିଲା। ଅନ୍ୟ ବାଟ ଦେଇ ଜାତୀୟ ରାଜପଥ ଯିବା ପରେ ସମୟାନୁକ୍ରମେ ସେହି ପୁରୁଣା ଜାତୀୟ ରାଜପଥରେ ଘରଦ୍ୱାର, କୋଠାବାଡ଼ି ଗଢି ଉଠିଥିଲା। ତତ୍କାଳୀନ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସେଥିପ୍ରତି ଆଖି ବୁଜି ଦେଇଥିଲେ। ଫଳରେ ଉକ୍ତ ରାସ୍ତା ସଂକୁଚିତ ହୋଇପଡ଼ିବା ସହିତ ଏଠାରେ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହି ଦୃଷ୍ଟିରୁ ଉକ୍ତ ରାସ୍ତାରେ ଜବରଦଖଲ ହଟାଇବା ସହିତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ୨୦୨୩ରୁ ଏଠାରେ ଜବରଦଖଲ ଉଚ୍ଛେଦ ଦାବି ଜୋର୍ ଧରି ଆସିଛି। ଜିଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ସେତେବେଳେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସେ ନେଇ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୩ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରି ସାରିଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇ ନ ଥିଲା । ଫଳରେ ଗତ ମାର୍ଚ୍ଚ ୨୨ତାରିଖ ସ୍ଥାନୀୟ ସମଲେଶ୍ୱରୀ ସଂଘର ଆହ୍ୱାନରେ ନାଗରିକ ବୈଠକ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘ ସମେତ ବିଭିନ୍ନ ରାଜନୈତିକ ଏବଂ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଏବଂ ସହରର ସଚେତନ ନାଗରିକମାନେ ଉପସ୍ଥିତ ଥିଲେ। ବୈଠକରେ ଉଚ୍ଛେଦ ନେଇ ଦୃଢ଼ ଦାବି ହୋଇଥିବା ବେଳେ ସେଥିରେ ପ୍ରଶାସନିକ ଅପାରଗତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଆନ୍ଦୋଳନ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଛେଦ କରା ନ ଗଲେ ଆନ୍ଦୋଳନ ପାଇଁ ସ୍ମାରକପତ୍ରରେ ଚେତାବନୀ ଦିଆଯାଇଥିଲା। ଏହି ଆନ୍ଦୋଳନ ଚେତାବନୀ ପରେ ପ୍ରଶାସନର ଚେତା ପଶିଥିଲା ଏବଂ ଗତ ମାର୍ଚ୍ଚ ୩୦ତିରିଖ ଉଚ୍ଛେଦ ଆରମ୍ଭ ହୋଇଥିଲା। ସେହିଦିନ ସକାଳୁ ବୋଲଡୋଜର ଜବରଦଖଲରେ ରହିଥିବା ଗୋଟିଏ ପରେ ଗୋଟିଏ ଘରକୁ ମାଡି ବସିଥିଲା। ସେହିଦିନ କେବଳ ୯ଟି ଘରକୁ ଆଂଶିକ ଭଙ୍ଗା ଯାଇଥିଲା। ସେତିକିରେ ଉଚ୍ଛେଦ ଅଟକି ଯାଇଥିଲା। ଏହାକୁ ନେଇ ପୁଣି ଜନ ଅସନ୍ତୋଷ ତେଜି ଉଠିଥିଲା। ଫଳରେ ଗତ ୪ତାରିଖ ବରଗଡ଼ ନାଗରିକ ମଞ୍ଚ ଓ ସମଲେଶ୍ୱରୀ ସଂଘ ନେତୃତ୍ୱରେ ଶତାଧିକ ଲୋକ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ଉଚ୍ଛେଦ ଅଭିଯାନରେ ଉଦାସୀନତାର ଦୃଢ଼ ପ୍ରତିବାଦ କରିଥିଲେ। ତେବେ ମାପଚୁପ ପୁଣି ଆରମ୍ଭ ହୋଇଥିବା ଯୋଗୁ ଆଗକୁ ଉଚ୍ଛେଦ ଆଶା ସଞ୍ଚାର ହୋଇଛି।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନାବାଳିକା ବଳାତ୍କାର ମାମଲା**

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ):** ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ଉଗ୍ରସେନ ବାରିକ ପ୍ରମାଣ ଅଭାବରୁ ବୁଧବାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ଗ୍ରାମରେ ଅଭିଯୁକ୍ତ ଉଗ୍ରସେନ ଏକ ସେଲୁନ କରି ପରିବାର ଚଳାଉଥିଲେ । ୨୦୨୪ ଅଗଷ୍ଟ ୨୪ତାରିଖ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ସେ ଗିରଫ ହୋଇ ଜେଲରେ ଥିଲେ । ସିଟି କେଶ ନଂ– ୩୪/୨୪ରେ ତାଙ୍କ ବିରୋଧରେ ବରଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ଓ ପୋକସୋ ଅଦାଲତରେ ମାମଲାର ବିଚାର ଚାଲିଥିଲା । ୧୪ ଜଣ ସାକ୍ଷ୍ୟଙ୍କ ବୟାନ ଶୁଣିବା ପରେ ବୁଧବାର ବିଚାରପତି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଥିଲେ। ଅଭିଯୁକ୍ତଙ୍କ ତରଫରୁ ଏ ଅଧିକାରୀ ପ୍ରଧାନ, ସୁକୁମାର ସାହୁ ମାମଲା ଲଢୁଥିଲେ । ପ୍ରକାଶ ଥାଉକି, ଘଟଣା ପରେ ଗ୍ରାମରେ ଅଭିଯୁକ୍ତଙ୍କୁ ବାସନ୍ଦ କରିଦେବା ଅଭିଯୋଗ କରି ତାଙ୍କ ପରିବାର ଗାଁ ଛାଡ଼ି ଦେଇଥିଲେ। ଘଟଣାର କିଛି ଦିନ ପରେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଜେଲର ନିର୍ଦ୍ଦୋଷରେ ଖଲାସ ହୋଇ ଫେରିବା ପରେ ସ୍ତ୍ରୀଙ୍କ ମୃତ୍ୟୁ ଖବର ପାଇ ଉଗ୍ରସେନ ବାରିକ ମ୍ରିୟମାଣ ହୋଇ ପଡ଼ିଥିଲେ।

## ମହାନଦୀ ଉପରେ ଦ୍ୱିତୀୟ ସେତୁର ଶିଳାନ୍ୟାସ

**ବରଗଡ଼ରୁ ଝାରସୁଗୁଡ଼ା ସଂଯୋଗ କରିବ**

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**



ଜରିମୁଲିଠାରେ ଶିଳାନ୍ୟାସ କାର୍ଯ୍ୟକ୍ରମ।

ବରଗଡ ଜିଲା ଅମ୍ବାଭୋନା ବ୍ଲକର ଜରିମୁଲିରୁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ପୁଝାରୀପାଲିକୁ ମହାନଦୀ ଉପରେ ଦ୍ୱିତୀୟ ସେତୁର ଶିଳାନ୍ୟାସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଜୟରାମ ଗଡକରୀ ଏହାର ଶିଳାନ୍ୟାସ କରିଥିଲେ। ମହାନଦୀ ଉପରେ ସୁଉଚ୍ଚ ୩କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ନିର୍ମାଣ ପାଇଁ ୨୭୪କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ୨୦୨୦ ଡିସେମ୍ବର ୧୮ ତାରିଖ ତତ୍କାଳୀନ ବରଗଡ଼ ଲୋକସଭା ସାଂସଦ ସୁରେଶ ପୂଜାରୀଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଏହି ସେତୁର ମୂଳଦୁଆ ପଡ଼ିଥିଲା। ଉଭୟ ଝାରସୁଗୁଡ଼ା ଓ ବରଗଡ଼ ଜିଲା ମଧ୍ୟରେ ଏହା ସମ୍ପର୍କର ସେତୁ ହେବ । ଏଥିପାଇଁ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ସେତୁ ହେଲେ ଅମ୍ବାଭୋନଠାରୁ ଝାରସୁଗୁଡ଼ାକୁ ଦୂରତା କମିବା ସହିତ ଯୋଗାଯୋଗ ବଢିବ। ମହାନଦୀ କୂଳରେ ଥିବା ଉଭୟ ଜିଲାର ବିଚ୍ଛିନ୍ନାଞ୍ଚଳ ମଧ୍ୟରେ ପରିବହନ ଓ ଯୋଗାଯୋଗ ବୃଦ୍ଧି ପାଇବ ବୋଲି ସାଧାରଣରେ ଆଶାର ସଞ୍ଚାର ଖେଳି ଯାଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକର ଜରିମୁଲିଠାରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଯୋଗ ଦେଇ ଉଭୟ ଜିଲାର ପରିବହନ ଓ ଯୋଗାଯୋଗ ସହ ଗମନାଗମନ ଓ ଅର୍ଥନୈତିକ ବିକାଶ ଘଟିବ ବୋଲି ପ୍ରକାଶ କରିଥିଲେ।

### ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଆତ୍ମରକ୍ଷା କାର୍ଯ୍ୟକ୍ରମ

**ଝାରବନ୍ଧ,୧୮।୪(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ପାଞ୍ଚୟତ ସମିତି ଡିଗ୍ରୀ କଲେଜରେ ଆତ୍ମରକ୍ଷା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ କୋଡ଼ିନେଟର ସୁଶ୍ରୀ ଯାଜ୍ଞସେନି ନାୟକଙ୍କ ତତ୍ତ୍ୱାବଧାନରେ ବିଗତ ଆଠଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଝାରବନ୍ଧ ସିଡିପିଓ ସୁଷମା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ନାରୀଶକ୍ତି ସୃଷ୍ଟିର ସର୍ବୋଚ୍ଚ ଶକ୍ତି ବୋଲି ଉଦବୋଧନ ଦେଇଥିଲେ। ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧକ୍ଷତାରେ ହୋଇଥିବା ଏହି ସଭାରେ ଆତ୍ମରକ୍ଷା ପ୍ରଶିକ୍ଷିକା ସୁଶ୍ରୀ ନନ୍ଦିନୀ ରାଉତ ନିଜର ପ୍ରଶିକ୍ଷଣ ଅନୁଭୂତି ରଖିବା ସହିତ ପ୍ରଶିକ୍ଷାର୍ଥୀମାନେ ମଧ୍ୟ ନିଜ ଅନୁଭୂତି ବର୍ଣ୍ଣନା କରିବା ସହିତ କିଛି କଳା କୌଶଳ ଅତିଥିଙ୍କ ସମ୍ମୁଖରେ ପ୍ରଦର୍ଶନ କରାଯାଇଥିଲା। ପରିଶେଷରେ ଅଧ୍ୟାପକ ଡଲଫିନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

### ଶ୍ରାଦ୍ଧ ବାର୍ଷିକୀରେ ରକ୍ତଦାନ କଲେ ବିଜୁପ୍ରେମୀ

**ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଗୁରୁବାର ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ଅଜାତଶତ୍ରୁ ଆନନ୍ଦ ଆଚାର୍ଯ୍ୟଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲା ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ବିଜେଡି ନେତା ସସ୍ମିତ ଆଚାର୍ଯ୍ୟ, ଅଚ୍ୟୁତାନନ୍ଦ ମହାପାତ୍ର, ଗୌରହରି ମିଶ୍ର, ଜିଲା ପରିଷଦ ଉପାଧକ୍ଷ ମୋହନ ଲୁହା, ପୌରାଧକ୍ଷା କଳ୍ପନା ମାଝୀ, ଉପ ନଗରପାଳ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ଯୁବନେତା ଜିତୁ ଭୋଇ, ଫାଇଟ ଅନ ରାଇଟ(ଫର୍)ର ଅଧକ୍ଷା ମୀନାକ୍ଷୀ ମିଶ୍ର, ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଜେଡି ନେତ୍ରୀ ଅନୁରାଧା ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ପୁଷ୍ପା ଭୋଇ, କାଉନସିଲର ଉମା ଚରଣ ରାଉତଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ନୂତନ ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର (ଜାପାନ )ଙ୍କୁ ବରଗଡ଼ ବିଜେଡି ତରଫରୁ ଶୁଭେଚ୍ଛା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ ଶିବିରକୁ ରାକେଶ ପାଣିଗ୍ରାହୀ, ନରସିଂହ କର ସଂଯୋଜନା କରିଥିବା ବେଳେ ପରିଚାଳନାରେ ବରଗଡ଼ ପୌର ପରିଷଦର ସମସ୍ତ କାଉନସିଲରଙ୍କ ସମେତ ସମିତି ସଭ୍ୟ ନବୀନ ନାଗ, ସରପଞ୍ଚ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଦୁଗ୍ଧର ଉଚିତ ଦାମ୍ ମିଳୁନି, ଜିଲାପାଳଙ୍କୁ ଫେରାଦ

**ବୌଦ୍ଧ,୧୭।୪(ଅଜିତ କୁମାର ବାରିକ)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଗ୍ଧଚାଷୀ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ଦୁଗ୍ଧ ସମିତିରେ ଚାଷୀଙ୍କଠାରୁ କମ୍ ଦାମ୍‌ରେ କ୍ଷୀର କିଣାଯାଉଛି। ଏ ନେଇ ଚାଷୀମାନେ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ଓମ୍‌ଫେଡ ଆନାଲାଇଜର ମେଶିନ ଦ୍ୱାରା କ୍ଷୀରର ମାନ ନିର୍ଦ୍ଧାରଣ କରି ଖାଣ୍ଟି କ୍ଷୀର ଲିଟର ପ୍ରତି ୬୦ ଟଙ୍କା ପର୍ଯ୍ୟନ୍ତ ଚାଷୀଙ୍କ ପାଖରୁ କିଣୁଥିଲା। ଏବେ କିନ୍ତୁ ତାହା ୩୦ଟଙ୍କା ୯୪ ପଇସାରେ ସୀମିତ ରହିଛି। ଫଳରେ ଚାଷୀମାନେ ଉନ୍ନତମାନର କ୍ଷୀର ଦେଇ କମ୍ ପଇସା ପାଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଦୃଷ୍ଟି ଦେବାକୁ ଚମ୍ପେଶ୍ୱର ମିଶ୍ର, ରମେଶ ଗାଇଗରିଆ, ବାବାଜୀ ପାତ୍ର, କୃତିବାସ ପଲିଆ ପ୍ରମୁଖ ଦୁଗ୍ଧଚାଷୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ବଣୁଆ ହାତୀ ଉପରେ ବିଭାଗର ନଜର

**ପଦ୍ମପୁର,୧୭।୪ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବନାଞ୍ଚଳ ଅନ୍ତର୍ଗତ ଛୀନ୍ଦ୍ରାପଲ୍ଲୀ, ସଂକ୍ରିପାଣି, ବୁରୋଛାପର, ଟୁର୍ଚ୍ଚା, ଗୌରେନମୁଣ୍ଡା, ଆମଦହନ, ଲେନ୍ଦ୍ରାପାଲି, ସୁଲିଆ, ବନ୍ଦୁଝୁଲା, ଜମରତଲା ଅଞ୍ଚଳରେ ଥିବା ବଣୁଆ ହାତୀ ଉପରେ ବନ ବିଭାଗର ତୀକ୍ଷ୍ଣ ନଜର ରଖିଛି। ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲାଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାର୍ଡ ଗୁରୁବାର ରାତିରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି । ବନାଞ୍ଚଳ ଅଧିକାରୀଙ୍କ ସୂଚନା ଅନୁସାରେ ଏହି ହାତୀପଲକୁ ବଲାଙ୍ଗୀର ଜିଲା ଡାଙ୍ଗବାହାଲ ଅଞ୍ଚଳକୁ ଘଉଡ଼ା ଯାଇଛି ।

### ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ ତିଳତର୍ପଣ



ବିଜୁବାବୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରୁଛନ୍ତି।

**ବରଗଡ଼, ୧୭।୪(ପ୍ରେମାନନ୍ଦ ଖମାରୀ)**

ଅତାବିରା ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ଭେଡେନ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବାବା ଜଳେଶର ମହାଦେବଙ୍କ ପବିତ୍ରସ୍ଥଳୀ କୁଦପାଲି ଜୀରା ଓ ଦନ୍ତା ନଦୀର ସଙ୍ଗମସ୍ଥଳୀ କୁଦପାଲିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଗୁରୁବାର ତିଳତର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ ଏଥିରେ ପୌରହିତ୍ୟ କରିଥିଲେ। ପବିତ୍ର ସଙ୍ଗମ ସ୍ଥଳୀରେ ମାଁ ଗଙ୍ଗାଙ୍କୁ ପୂଜନ, ଆଳତୀ ସହ ତିଳତର୍ପଣ ଅର୍ପଣ କରି ସ୍ନାନ କରାଯାଇଥିଲା। ଯୁବ ସଭାପତି ସୁରେନ୍ଦ୍ର କର୍ମୀ, ରେଶମ ପଞ୍ଚାୟତ ସଭାପତି ସୁଶାନ୍ତ ଭୋଇ, ଜିଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ ବରିଷ୍ଠ ନେତା ବଳରାମ ସାହୁ, ଜୋତି ରଞ୍ଜନ ମହାପାତ୍ର, ମାନ ମାଡ଼ପାଚି, ସାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଯୋଗଦାନ କରିଥିଲେ। ସେହିପରି ବିଜୁବାବୁଙ୍କ ପ୍ରତିଛବିରେ ପୂଜାର୍ଚ୍ଚନା, ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।

## ମୋନଷ୍ଟର ଆର୍ମୀକୁ ହରାଇ ଏଭେଞ୍ଜର ଇଲେଭେନ ଚାମ୍ପିୟନ

**କାଂସଡା ରାତ୍ରିକାଳୀନ କ୍ରିକେଟ କପ**

**ପାଇକମାଳ,୧୭।୪(ବଡ଼ ଶତପଥି)**

ବରଗଡ ଜିଲା ପାଇକମାଳ କାଂସଡ଼ାରେ ଚାଲିଥିବା ୨ତମ ରାତ୍ରୀକାଳୀନ କ୍ରିକେଟ କପ ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ ଓ ସଖିଲ ଖାଁ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ପରେ ଏଭେଞ୍ଜର ଇଲେଭେନ ଓ ମୋନଷ୍ଟର ଆର୍ମୀ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଏଭେଞ୍ଜର ଇଲେଭେନ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା। କ୍ଷିରୋଦ ଭୋଇ ଓ ବିମଳ ପାଣ୍ଡେ ଖେଳ ପରିଚାଳନା କରିଥିଲେ। ପ୍ରଶାନ୍ତ ଭୋଇ ସ୍କୋରର ଥିବା କାର୍ତ୍ତିକ ସିଂ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ସଞ୍ଜୀବ ବରିହା, ବିଧାୟିକା ହୃଦାନନ୍ଦ ବାରିକ, ସରପଞ୍ଚ କ୍ଷୀରବତୀ ଭୋଇ, ରାଧେଶ୍ୟାମ ଶାଣ୍ଡ, ଉଗ୍ରସେନ ଭୋଇ, କେଶବ ଶାଣ୍ଡ , ସୁରେନ୍ଦ୍ର ଭୋଇ,ଅଲେଖ ସାହୁ ପ୍ରମୁଖ ଉପସ୍ଥିତ ଥାଇ ଚମ୍ପିୟାନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ସମାରୁ ନନ୍ଦିଘୋଷ, ବସନ୍ତ ଭୋଇ, ଦିଲ୍ଲୀପ ତାଣ୍ଡି, ଦିଲ୍ଲୀପ ମାଝୀ, ଜେହ୍ଲୁଲାଲ ମାଝୀ, ହରି କୈବର୍ତ୍ତ, ନରେଶ ସାହୁ, ରୋହିତ ସାହୁ, ସୁରେନ୍ଦ୍ର ଭୋଇ, ବ୍ୟାସ ମହାନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଅତାବିରାରେ ଆୟୁଷ୍ମାନ୍ କାର୍ଡ ବାଣ୍ଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଅତାବିରା,୧୭।୪(ଯୁଧିଷ୍ଠିର ମହାପାତ୍ର)**



ସ୍ୱାସ୍ଥ୍ୟମନ୍ତ୍ରୀ ଆୟୁଷ୍ମାନ କାର୍ଡ ବଣ୍ଟନ କରୁଛନ୍ତି।

ଅତାବିରାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆୟୁଷ୍ମାନ କାର୍ଡ ବାଣ୍ଟିବା ଶୁଭାରମ୍ଭ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ଓଡ଼ିଶାର ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତାବିରା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ମୀନା ସାହୁ ଏବଂ ଶ୍ରୀକାନ୍ତ ମହାରଣାଙ୍କ ଘରକୁ ଯାଇ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଛନ୍ତି। ସେହିପରି ଚନ୍ଦ୍ରକାନ୍ତି ସାହୁ, ରଏବାରୀ ବିଶ୍ୱାଳ ଓ ଶ୍ରୀଧର ସାହୁଙ୍କୁ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ କାର୍ଡ ପ୍ରଦାନ କରି ଅତାବିରାରେ ଏକକ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। । ତେବେ ସୱାସ୍ଥ୍ୟ କାର୍ଡ ଘର ଦ୍ୱାରରେ ପାଇଥିବା ହିତାଧିକାରୀ ରୀନା ସାହୁଙ୍କ ଅନୁରୋଧକୁ ରକ୍ଷାକରି ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ଘରେ ଚା' ପାନ କରିଥିଲେ। ଏହି ଅବସରରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ଜଣ ଡାକ୍ତର ପଦବୀ ସ୍ଥାନରେ ୬ ଜଣ କାର୍ଯ୍ୟରତ ଥିବାରୁ ଖାଲିଥିବା ଭେଷଜ, ଶିଶୁ ରୋଗ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ପଦବୀ ପୂରଣ ସହ ବହୁବିଧ ଅସୁବିଧା ଦୂର କରିବାକୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ୩କୋଟି ୫୦ ଲକ୍ଷ ଲୋକଙ୍କୁ କାର୍ଡ ଦିଆଯିବ । ୩ମାସ ପର୍ଯ୍ୟନ୍ତ ରାଜ୍ୟରେ ୪୮ହଜାର ଆଶାଦିଦି କାର୍ଡ ବଣ୍ଟନ କରିବେ। ଯେଉଁମାନେ କାର୍ଡ ପାଇନଥିବେ ସିଧାସଳଖ ଅଧାର କାର୍ଡରେ ଚିକିତ୍ସିତ ହୋଇପାରିବେ। ବୟୋବନ୍ଦନା କାର୍ଡରେ ୭୦ବର୍ଷରୁ ଉର୍ଦ୍ଧ୍ୱ ଏପରିକି ପୂର୍ବତନ ମନ୍ତ୍ରୀ ମଧ୍ୟ ଏଥିରେ ଚିକିତ୍ସିତ ହୋଇପାରିବେ। ରାଜ୍ୟରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କିଶୋର ଦାଶ, ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ରବି ନାରାୟଣ ମିଶ୍ର, ବରଗଡ଼ ଜିଲା ଡାକ୍ତରଖାନାର ଡାକ୍ତର ସୁବାଷ ଅଗ୍ରୱାଲ, ଅତାବିରା ତହସିଲଦାର କେ. ରିଚୀ କୁମାର,ବିଡ଼ିଓ ରୀପୁନାଥ ସୁନା,ସ୍ଥାନୀୟ ବିଜେପି ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ବେଆଇନ ନିର୍ମାଣ ଉଚ୍ଛେଦ କଲା ପ୍ରଶାସନ

ବନ୍ଧମୁଣ୍ଡା/ରାଉରକେଲା,୧୭।୪ (ସୁବ୍ରତ ଦେ/ସଙ୍ଗୀତା ଜେନା): ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଜାମସେରା ପଞ୍ଚାୟତର ଦଲପୋଷ ଗ୍ରାମରେ ସରକାରୀ ଜମିରେ ବେଆଇନ ନିର୍ମାଣକୁ ଗୁରୁବାର ଉଚ୍ଛେଦ କରାଯାଇଛି। ପୂର୍ବାହ୍ନ ୧୧ଟାରେ ଜିଲା ପ୍ରଶାସନ ଜେସିବି ଓ ଅନ୍ୟ ଯନ୍ତ୍ରାଂଶ ଯୋଗେ ଏହି ଉଚ୍ଛେଦ କରିଥିଲା। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ୍ ସୁଦକ୍ଷ ପଟେଲଙ୍କ ଉପସ୍ଥିତିରେ ବିଶ୍ରା ତହସିଲଦାର ପ୍ରତିମା ପିଙ୍ଗଙ୍କ ନେତୃତ୍ୱରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ସ୍ଥାନୀୟ ଆର୍‌ଆଇ ମନୋଜ ଭୋଇଶାଲ, ବନ୍ଧମୁଣ୍ଡା ଏସ୍‌ଆଇ ଏମ୍. ବାରା, କାଦମ୍ବରୀ ସିଂହଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଉକ୍ତ ଗ୍ରାମରେ ୫୫ ଡେସିମିଲ୍ ସରକାରୀ ଜମିକୁ କିଛି ସ୍ଥାନୀୟ ଲୋକ ପାଚେରି ବୁଲାଇବା ସହ ବେଆଇନ ଭାବେ ଅକ୍ତିଆର କରିଥିଲେ। ଏ ନେଇ ବିଶ୍ରା ବ୍ଲକ ପକ୍ଷରୁ ନୋଟିସ ଜାରି କରାଯାଇଥିଲା।

# ଲଙ୍କା ଦହନ, ବାଳି ବଧ ମଞ୍ଚସ୍ଥ

### ବଡ଼ଗାଁ ରାମଲୀଳା ଯାତ୍ରା

ବଡ଼ଗାଁ,୧୭।୪(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପ୍ରସିଦ୍ଧ ରାମଲୀଳା ଯାତ୍ରା ମହୋତ୍ସବର ଏକାଦଶ ରଜନୀ ବୁଧବାର ଶେଷ ହୋଇଛି। ପାରମ୍ପରିକ ରୀତିନୀତିରେ ରାମାୟଣ ପାଠ ସହ ଖୋଲା ମଞ୍ଚରେ ଶୁଆଙ୍ଗ ଶୈଳୀରେ ବୁଧବାର ରାତିରେ ଲଙ୍କା ପୋଡ଼ି ଓ ବାଳି ବଧ ମଞ୍ଚସ୍ଥ ହୋଇଥିଲା। ବିଷୟବସ୍ତୁ ଅନୁସାରେ ମହାପ୍ରଭୁ ରାମଚନ୍ଦ୍ରଙ୍କ ସହ ବାନର ରାଜା ସୁଗ୍ରୀବଙ୍କ ମିତ୍ରତା ସ୍ଥାପନ ଓ ଏହାପରେ ବାଳି ଓ ସୁଗ୍ରୀବଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା। ରାମଚନ୍ଦ୍ରଙ୍କ ତୀରରେ ବାଳି ବଧ ମଞ୍ଚସ୍ଥ ହୋଇଥିଲା। ବାଳି ବଧ


ରାମ ଲକ୍ଷ୍ମଣଙ୍କ ସହିତ ବାନର ସେନା।

ହେଲାପରେ ସୁଗ୍ରୀବଙ୍କ ରାଜ୍ୟାଭିଷେକ ହୋଇଥିଲା। ଏହାସହ ହନୁମାନଙ୍କ ଦ୍ୱାରା ସୀତା ଠାବ ହେଲାପରେ ଲଙ୍କା ପୋଡ଼ି ମଞ୍ଚସ୍ଥ ହୋଇଥିଲା। ବଡ଼ଗାଁର ଭଦ୍ରୀ ବିଶାଳ ପୋଖରୀକୁ ଲଙ୍କାପୁରଭାବେ ସାଜସଜ୍ଜା କରାଯାଇଥିଲା। ହନୁମାନ ଲାଙ୍ଗୁଡରେ ରାବଣର ନିର୍ଦ୍ଦେଶକ୍ରମେ ଅଗ୍ନି ସଂଯୋଗ କରିବା ପରେ ହନୁମାନ ଲଙ୍କା ଦହନ କରିଥିଲେ। ରାବଣ ଭୂମିକାରେ ଅମ୍ଳାନ ଜ୍ୟୋତି ନାୟକ, ହନୁମାନ ଭୂମିକାରେ ନେତ୍ରମଣୀ ସାହୁ, ଲଙ୍କଦେବୀ ଭୂମିକାରେ ଗୋପାଳ ବେହେରା, ବାଳି ଭୂମିକାରେ ଗଙ୍ଗାଧର ସା, ସୁଗ୍ରୀବ ଭୂମିକାରେ ସୁଶାନ୍ତ ହୋତା, ଅକ୍ଷୟ କୁମାର ଭୂମିକାରେ ଦୀପ ପଣ୍ଡା, ତାରା ଭୂମିକାରେ ପ୍ରକାଶ ସାହୁ, ରାମ ଭୂମିକାରେ ଅଭିଳାଷ ପାଣିଗ୍ରାହୀ, ଲକ୍ଷ୍ମଣ ଭୂମିକାରେ ଦୀପକ ପୃଷେଟ ଚିତ୍ତାକର୍ଷକ ଅଭିନୟ ପ୍ରଦର୍ଶିତ କରିଥିଲେ। କମିଟି କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ପରିଚାଳିତ ହୋଇଆସୁଛି।

## ରାହୁଲ, ସୋନିଆଙ୍କ କୁଶପୁତ୍ତଳିକା ଦାହ


ଭାଜପା ପକ୍ଷରୁ କୁଶ ପୁତ୍ତଳିକା ଦାହ କରାଯାଉଛି।

ଲହୁଣୀପଡା,୧୭।୪(ଦାଶରଥି ପଣ୍ଡା)

ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ ଛକଠାରେ ଗୁରୁବାର ବଣେଇ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ନ୍ୟାଶନାଲ ହେରାଲ୍ଡ଼ ସ୍କାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋର୍ଟରେ ଚାର୍ଜଶିଟ ଦାଖଲ କରିଛି। ଆସନ୍ତା ୨୫ ତାରିଖରେ ଏହାର ଶୁଣାଣି ହେବାକୁ ଯାଉଛି। ଚଞ୍ଚକତା କରି ଅର୍ଥ ତୋଷରପାତ କରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଇବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା ବୋଲି ଭାଜପା ପକ୍ଷରୁ କୁହାଯାଇଛି। ରାଜାମୁଣ୍ଡା ଭାଜପା କାର୍ଯ୍ୟାଳୟରୁ ଯୁବ ମୋର୍ଚ୍ଚା କର୍ମୀ ଓ ବରିଷ୍ଠ ନେତୃମଣ୍ଡଳୀ ପଟୁଆରରେ ଆସି ରାଜାମୁଣ୍ଡା ବାଇପାସ୍ ଛକରେ ରାହୁଲ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଅବିନାଶ ବ୍ରହ୍ମଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ଭାଜପା ସାଙ୍ଗଠନିକ ଜିଲା ସଭାପତି ପୂର୍ଣ୍ଣିମା କେରକେଟା, ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ, ରମେଶ ଅଗ୍ରୱାଲ, ଲୁଥାର ଓରାମ, ହେମନ୍ତ କୁମାର ସାହୁ, ଅଭିରାମ ମହାକୁଲ, ବାସୁଦେବ ସାହୁ, ଉପେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ଓରାମ, ଭୁବନେଶ୍ୱର ବେହେରା, ନୀହାର ରଞ୍ଜନ ସାହୁ, ବିଜୟ ଠାକୁର, ସୁଜିତ ଜୟସ୍ୱାଲ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଇସ୍ପାତ ସହରରେ ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ

ରାଉରକେଲା,୧୭।୪(ସଙ୍ଗୀତା ଜେନା)

ରାଉରକେଲା ସହରରେ କ୍ରମାଗତ ଭାବେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଗତ ସପ୍ତାହରେ ୫ ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ପ୍ରତିକାର ପାଇଁ ରାଉରକେଲା ପୋଲିସ ଜିଲା ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଗତ ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ସହରରେ ବିଭିନ୍ନ ଆପରାଧିକ ନିୟନ୍ତ୍ରଣ ପଦକ୍ଷେପ ସମ୍ପର୍କରେ ଅବଗତ କରାଇବା ପାଇଁ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନ ୧ଟାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଯୋଗ ଦେଇଥିଲେ। ଏହି ଅବସରରେ ଡିଆଇଜି ରାୟ କହିଥିଲେ, ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ମଦ୍ୟପମାନଙ୍କୁ ଯାଞ୍ଚ କରିବା ସହ ଫୁଟ୍ ପାଟ୍ରୋଲିଂ, ନିକାଚନ ସ୍ଥାନରେ ଚଢ଼ାଉ କରାଯାଉଛି। ଫଳରେ ଅପରାଧ ହ୍ରାସ ପାଇଛି। ହ୍ୱାଟ୍‌ସ ଆପ୍ ଅଭିଯୋଗ ନମ୍ବରରେ ୮୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସ୍କ୍ରାପ୍ ଦୋକାନଗୁଡ଼ିକ ବନ୍ଦ କରାଯାଇଛି। ଏମ୍‌ଭି ଚେକିଂ ଜାରି ରହିଛି। ଫେରାର ଅଭିଯୁକ୍ତମାନଙ୍କୁ ଖୋଜା ଚାଲଇଛି। ସାର୍ବଜନୀନ ସ୍ଥାନରେ ମଦ୍ୟପ ଧରପଗଡ଼ କରାଯାଉଛି। ମାମଲାଗୁଡ଼ିକର ସାମ୍ପ୍ରତିକ ସ୍ଥିତି ପାଇଁ ଅନୁଧ୍ୟାନ ଆପ୍ ପ୍ରଚଳନ କରାଯାଇଥିଲା। ଗତ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ରାଉରକେଲା ପୋଲିସ ଜିଲାରେ ୧୨ ଏନ୍‌ଡିପିଏସ୍, ୩୭୮ ଅବକାରୀ, ୧୮ ସ୍ମଗଲିଂ, ୨୪୧ ମଦପିଇ ଗାଡ଼ି ଚାଳନା, ୪୬ ଅବୈଧ ବାଲୁକା ଖନନ ମାମଲା ରୁଜୁ ହୋଇଛି ବୋଲି ରାୟ କହିଥିଲେ।


ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ପ୍ରଦାନ କରୁଛନ୍ତି।

# ବୀରମିତ୍ରପୁର ଅବକାରୀ ଥାନା ଘେରାଉ


ରାଜେଶ କୁଜୁର ହାଜତ ମୃତ୍ୟୁ ଘଟଣାରେ ଗ୍ରାମବାସୀ ବୀରମିତ୍ରପୁର ଅବକାରୀ ଥାନା ଘେରାଉ କରିଛନ୍ତି।

### ରାଜେଶ କୁଜୁର ହାଜତ ମୃତ୍ୟୁ ଘଟଣା

କୁଆଁରମୁଣ୍ଡା,୧୭।୪(ମହେନ୍ଦ୍ର କୁମାର ସାହୁ)

ଅବକାରୀ ପୋଲିସ ମାଡ଼ରେ ରାଏବୋଗା ଥାନା ଦଲକି ଗ୍ରାମର ରାଜେଶ କୁଜୁରଙ୍କ ହାଜତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣି ଗୁରୁବାର ମୃତ ରାଜେଶଙ୍କ ପରିବାର ଓ ଗ୍ରାମବାସୀ ଉପଯୁକ୍ତ କ୍ଷତିପୂରଣ ଦାବିକରି ବୀରମିତ୍ରପୁର ଅବକାରୀ ଥାନା କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କର ଦାବି ଥିଲା ଯେ, ମୃତକଙ୍କ ଝିଅ ଅସ୍ମିତା କୁଜୁରଙ୍କୁ ସରକାରୀ ଚାକିରି, ୩ ନାବାଳକ ପୁଅଙ୍କର ସମ୍ପୂର୍ଣ୍ଣ ପାଠପଢ଼ା ଦାୟିତ୍ୱ, ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ। ସକାଳ ୧୦ଟାରୁ ବୀରମିତ୍ରପୁର ଅବକାରୀ କାର୍ଯ୍ୟାଳୟ ଘେରାଉ ହୋଇଥିଲେ ମଧ୍ୟ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ସମାଧାନ କରାଯାଇପାରି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୀରମିତ୍ରପୁର ଆଇଆଇସି ରାମ ପ୍ରସାଦ ନାଗ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବୁଧବାର ସକାଳୁ ରାଜେଶଙ୍କର ମୃତ୍ୟୁ ହୋଇଥିଲା ବେଳେ ଦାବି ପୂରଣ ହୋଇ ନ ଥିବାରୁ ମୃତକଙ୍କ ପରିବାର ମୃତଦେହକୁ ଗ୍ରହଣ କରିନାହାନ୍ତି। ପୁଣି ଶୁକ୍ରବାର ରାସ୍ତା ଅବରୋଧ କରାଯାଇ ଦାବିପୂରଣ ନିମନ୍ତେ ଆନ୍ଦୋଳନ କରାଯିବା ନେଇ ସମ୍ଭାବନା ରହିଛି। ଏହି ଆନ୍ଦୋଳନରେ ଆଲବର୍ଟ କିଣ୍ଡୋ, ରଶ୍ମି ଏକ୍କା, କୁନା ଦେଓ, ରୋହିତ ଦୀପ, ମହେଶ ସାହୁ, ବିକ୍ରମ ପଟ୍ଟନାୟକଙ୍କ ସହ ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

## ହାତୀ ଆତଙ୍କ: ଭୟଭୀତ ଅଞ୍ଚଳବାସୀ

ଟେନସା,୧୭।୪(ସମୀର କୁମାର ପାଢ଼ୀ)



ବଣ ପାହାଡ ଘେରା ମଧ୍ୟରେ ରହିଛି ସୁନ୍ଦରଗଡ଼ ଜିଲାର କୋଇଡା। ଚାରିଆଡେ ଭରି ରହିଛି ସବୁଜ ବନାନୀ। ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ଲୋକମାନଙ୍କ ଜୀବନ ଜୀବିକା ପ୍ରାୟତଃ ଚାଷ ଓ ଜଙ୍ଗଲ ଜାତ ଦ୍ରବ୍ୟ। ଆର୍ଥିକ ସ୍ଥିତି ସୁଦୃଢ ନ ଥିବାରୁ ଏବେବି ରହିଛି ମାଟି ନଡ଼ାରେ ତିଆରି କଚ୍ଚା ଘର। ହେଲେ ଏଠାରେ ହାତୀ ଉପଦ୍ରବ୍ୟ ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। କାହାର ଧାନ ଫସଲ ନଷ୍ଟ ହେଉଛି ତ, କାହାର ଭାଙ୍ଗୁଛି କଚ୍ଚା ମାଟି ଘର। ହାତୀ ଉପଦ୍ରବର ଶୀକାର ହେଉଛନ୍ତି ସାଧାରଣ ଜନତା। ବ୍ୟାପକ ଖଣି ଖନନ ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଖଣି କର୍ତ୍ତୃପକ୍ଷ ଗଛ ଲଗାଉ ନାହାଁନ୍ତି। ଜଙ୍ଗଲରେ ଖାଦ୍ୟ ଅଭାବରୁ ବଣୁଆ ହାତୀ ପଲ ଗାଁରେ ପସି ଉପଦ୍ରବ କରୁଛନ୍ତି। ଗତ ଏକ ସପ୍ତାହ ଧରି ହାତୀ ପଲ ବନ୍ଦଲ, କୁଲା, ରାଇକେଲା, କୁଶୁମୁଣ୍ଡି, ପାଟମୁଣ୍ଡା, ଗଣୁଆ, ଭଞ୍ଜପାଳି, କାଶିରା ଆଦି ଅଞ୍ଚଳରେ ଉପଦ୍ରବ କରିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାତିରେ ଭୟରେ ଲୋକେ ଶୋଇ ପାରୁ ନାହାଁନ୍ତି।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ


ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ରାଜଗାଙ୍ଗପୁର,୧୭।୪(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡି ପକ୍ଷରୁ ଗୁରୁବାର ବିଜୁପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଅନିଲ ବରୁଆଙ୍କ ନେତୃତ୍ୱରେ ପାଳିତ ଏହି ଶ୍ରାଦ୍ଧ ଦିବସରେ ବିଜୁପଟ୍ଟନାୟକ ଛକଠାରେ ଥିବା ବିଜୁପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ସ୍ମୃତିଚାରଣ କରାଯାଇଥିଲା। ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପରେ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ରାଜଗାଙ୍ଗପୁର ବ୍ଲକ ଅଧ୍ୟକ୍ଷା ଶାବିନା ମିଞ୍ଜ, ଅମରେଶ ପଣ୍ଡା, ରାଜେନ୍ଦ୍ର ଲେଙ୍କା, ଜିତୁ ଦାସ, ପୂର୍ବତନ ପୌରାଧ୍ୟକ୍ଷା ସୁଶ୍ରୀତା ପାଇକରାୟ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୧୦ ଦିବ୍ୟାଙ୍ଗ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୧୭।୪(ବିପ୍ଳବ ରଞ୍ଜନ ଦାଶ): ଆରଏସ୍‌ପି ସେକ୍ଟର-୧୮ସ୍ଥିତ ହୋମ୍ ଏଣ୍ଡ ହୋପ୍‌ଠାରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୦ ଦିବ୍ୟାଙ୍ଗ ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏଥିରେ ହୋମ୍ ଏଣ୍ଡ ହୋପ୍‌ର ୬୦ଜଣ ବୌଦ୍ଧିକ ଅକ୍ଷମ ଛାତ୍ରୀଛାତ୍ର ସାମିଲ ଥିଲେ। ସେକ୍ଟର-୭ ରୋଟାରୀ କ୍ଲବ ପକ୍ଷରୁ ପରିଚାଳିତ ମୂକ ବଧିର ସ୍କୁଲର ୨୫ଜଣ ଏବଂ ଫର୍ଟିଲାଇଜର ଟାଉନଶିପ୍‌ସ୍ଥିତ ଆଶା ଭିନ୍ନକ୍ଷମ ବିଦ୍ୟାଳୟରୁ ୨୫ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଡକ୍ଟର ଆର୍. ଆର୍. ମହାନ୍ତି, ସିଏସ୍‌ଆର ବିଭାଗ ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ୍ ଟି. ବି. ଟପ୍ପୋ ଏବଂ ଆଦିତ୍ୟ ନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ସୁନ୍ଦରଗଡ,୧୭।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ଯୋଗଦେଇ ଥିଲେ। ଦୀର୍ଘ ୪୬ବର୍ଷ ଧରି ଏହି ଶିକ୍ଷାନୁଷ୍ଠାନ ସୁନ୍ଦରଗଡ଼ରେ ଶିକ୍ଷାର ଆଲୋକ ବର୍ତ୍ତିକା ସାଜି ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ନିର୍ମାଣ କରିବାରେ ପ୍ରମୁଖ ଭୂମିକା ନେଇଥିବା ନେଇ ପ୍ରଂଶସା କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଗୋଟିଏ ଛାତ୍ରର ସାମଗ୍ରିକ ବିକାଶ ପାଇଁ ପାଠ ପଢା ସହ ଖେଳକୁଦ, ମହାପୁରୁଷଙ୍କ ଜୀବନୀ ଓ ବିଭିନ୍ନ ପୁସ୍ତକ ପଠନ କରି ଜ୍ଞାନ ଆହରଣ କରିବା ଭଳି ଅନେକ ବିଷୟରେ ରୁଚି ରଖିବାକୁ ପଡିବ।


ବାର୍ଷିକ ଉତ୍ସବରେ ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ବେଦ ପାଠ ମଧ୍ୟରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ହରିପ୍ରିୟା ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥିଭାବରେ ବିଦ୍ୟାଳୟ ଟ୍ରଷ୍ଟି ସଦସ୍ୟ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ବେଣୁମାଧବ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଗତ ବର୍ଷର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଅନେକ ଅଭିଭାବକଙ୍କୁ ଉତ୍ତମ ପ୍ରେରଣା ଦାୟୀ ଅଭିଭାବକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରଙ୍ଗା ରଙ୍ଗ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା ସଭା ପରିଚାଳନା କରିଥିଲେ। ଦେବାଶିଷ ଦାସ, ଅଶୋକ ପରିଡ଼ା, ସସ୍ମିତା ସାହୁ, ରଞ୍ଜନ ମହାପାତ୍ର, ମାୟୀକେଲା ଖାଲଖୋ, ଭାରତୀ ପଟେଲ, ଆଶା ସିଂ ଓ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନ୍ଦରଗଡ଼ରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

ସୁନ୍ଦରଗଡ,୧୭।୪(ଜୟ ନାରାୟଣ ମେଣ୍ଡୁଲି)

ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ସୁନ୍ଦରଗଡ଼ ବିଜେଡି ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଜିଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ସର୍ବପ୍ରଥମେ ଇବ ନଦୀ କୂଳରେ ତିଳ ତର୍ପଣ ସହ ରାଣୀବଗିଚା ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଜୁ ଛାତ୍ର ଜନତା ଦଳ ତରଫରୁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ପାଲ ହୋଟେଲ ଛକରେ ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି ସବୁ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ବର୍ତ୍ତମାନର ଉପନଗରପାଳ ଲଲାଟେନ୍ଦୁ ପରିଡା, ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ତଥା ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ସଭାପତି ଅଶ୍ୱିନୀ ନାଏକ, ରିତେଶ ସିଂହ, କାଉନସିଲର ଅନିଲ ମହାପାତ୍ର, ହେମନ୍ତ ପାଢୀ, ସୁନୀଲ ମହାପାତ୍ର, ସୀତାକାନ୍ତ ପଟେଲ, ବିଜୟ ରାଓ, ଗୌରାଙ୍ଗ ଧଳ, ମହିଳା ନେତ୍ରୀ ତଥା ପୂର୍ବତନ କାଉନସିଲର ବୀଣା ସାହୁ, କାଉନସିଲର ଚିରସ୍ମିତା ଯୋଶୀ, ସୁଶୀଲା ନାଗ, ଦୁଶୀଲା ଦଣ୍ଡସେନା, ରୀତା ସାହୁ, ରଜନୀ ରୋହିଦାସ, ପ୍ରଣତି ସାହୁ, ଅନୀତା ଶର୍ମା, ଯୁବନେତା ଏମଡି କଲିମ, ଉମେଶ ଶର୍ମା, ସରୋଜ ନାଏକ, ହେମନ୍ତ ମେହେର, ରାଜା ମହାନ୍ତି, ଛାତ୍ର ବିଜେଡି ସଭାପତି ନରଦୀପ ସିଂ, ମୁକେଶ ମାଝୀ, ରୋଶନ ବିଶ୍ୱକର୍ମା, ଦେବାଶିଷ ମିଶ୍ର, ବିବେକ ଗୁପ୍ତା, ପ୍ରତୀକ ଶର୍ମା, ସୌମ୍ୟ ପୁରୋହିତ, ରାକେଶ ସାହୁ, ସ୍ୱାଗତ ଯୋଶୀ,ନିତ୍ୟାନନ୍ଦ ପଟେଲ, ପ୍ରଦୀପ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମୀ।

# ବିଜୁବାବୁଙ୍କ ତିରୋଧାନ ଦିବସ

ବଡ଼ଗାଁ,୧୭।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଡାକବଙ୍ଗଳାଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଗୁରୁବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଡାକବଙ୍ଗଳାଠାରେ କର୍ମୀ ଓ ନେତାମାନେ ସମବେତ ହେଲାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନେତା ଓ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପୁଷ୍ପ ଅର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଲା ପରେ ସଭା ହୋଇଥିଲା। ସଭାରେ ଦଳର ପୂର୍ବତନ ସଭାପତିଧରଣୀଧର ସା ତାଙ୍କ ବକ୍ତବ୍ୟରେ ବିଜୁ ପଟ୍ଟନାୟକଙ୍କ ସମୟରେ ହୋଇଥିବା ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବିଜୁବାବୁଙ୍କ ସ୍ଥାନ ଊର୍ଦ୍ଧ୍ୱରେ ବୋଲି କହିଥିଲେ। ଦଳର ବରିଷ୍ଠ କର୍ମୀ ସତ୍ୟନାରାୟଣ ନାୟକ କହିଥିଲେ, ବିଜୁ ପଟ୍ଟନାୟକ ନୂତନ ଓଡ଼ିଶା ଗଠନର


କାର୍ଯ୍ୟକ୍ରମରେ ସମବେତ ବିଜେଡି କର୍ମୀ।

ବିନ୍ଧାଣି ଥିଲେ। ସେ ପଞ୍ଚାୟତିରାଜ ଆରମ୍ଭ କରି ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିଥିଲେ। ଶ୍ରମିକ ମଜୁରି ୧୨ ଟଙ୍କାକୁ ୨୫ ଟଙ୍କା କରି ଶ୍ରମିକଙ୍କ ଦୁଃଖ ବୁଝିଥିଲେ। ଅନନ୍ୟ ପ୍ରତିଭାର ଅଧିକାରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଶିଳ୍ପ ବିକାଶ ଓ ବିକାଶ ଧାରା ଉପରେ ଆଲୋକପାତ କରି ବିଜୁବାବୁଙ୍କ ଗୌରବମୟ ଗାଥା ଉପସ୍ଥାପନ କରିଥିଲେ। ବରିଷ୍ଠ କର୍ମୀ ଉମାଶଙ୍କର ରାଉତ ତାଙ୍କ ବକ୍ତବ୍ୟରେ ଜନ ପ୍ରତିନିଧିମାନେ ସ୍ୱାର୍ଥ ତ୍ୟାଗ କରି କାମ କଲେ ଗ୍ରାମାଞ୍ଚଳର ସମସ୍ୟା ଦୂର କରାଯାଇପାରିବ ବୋଲି ବିଜୁ ପଟ୍ଟନାୟକ କହୁଥିଲେ। ଏକ ସଭାରେ ସେ କହିଥିଲେ, ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କିନ୍ତୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ସରପଞ୍ଚ। ବଡ଼ଗାଁ ବ୍ଲକ ସରପଞ୍ଚ ସଂଘର ସଭାପତି ଯୋଗେନ୍ଦ୍ର କିସାନ, ବିଜେଡିର ପୂର୍ବତନ ବ୍ଲକ ସଭାପତି ତୁଳାରାମ ହୋତା ବିଜୁ ପଟ୍ଟନାୟକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟ ଅମୀୟ କୁମାରୀ ପ୍ରଧାନ କହିଥିଲେ, ବିଜୁବାବୁ ଓଡ଼ିଶାବାସୀଙ୍କ ଉନ୍ନତି ଓ ଓଡ଼ିଶାର ବିକାଶରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଯାଇଛନ୍ତି। ସେ ରାଜନେତା ସହିତ ଅନେକ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ବର୍ଷେ ପରେ ପଞ୍ଚାୟତ ନିର୍ବାଚନ ହେବ, ତେଣୁ ପଞ୍ଚାୟତ ଓ ବିଧାନସଭା ଆସନ କିପରି ଜିତିବା ସେଥିପାଇଁ ସମସ୍ତେ ଏକ ମନ ହୋଇ କାମ କରିବାକୁ ପ୍ରଧାନ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ଦେବାଶିଷ ମିଶ୍ର, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ସାହୁ, ବିନୋଦ ଲାକ୍ରା, ଉତ୍କଳ ମହାପାତ୍ର, ଏମ୍‌ଡି ଜ୍ୟାଉଲ, ହିରଧର ବେହେରା, ଏକମା ସରପଞ୍ଚ ସାଏବାନୀ ଲାକ୍ରା ପ୍ରମୁଖ ଦଳୀୟ କର୍ମୀମାନେ ଯୋଗଦେଇଥିଲେ। ବିଜେଡି ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲାବେଳେ କେଶବ କର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କାର ସହ ୨୪କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରେଢାଖୋଲ,୧୭।୪(ଅଚ୍ୟୁତାନନ୍ଦ ପୁରୋହିତ)

ବୌଦ୍ଧ ଜିଲାରୁ ରେଢାଖୋଲ ସହର ଦେଇ ଗଞ୍ଜେଇ ଚୋରାଚାଲାଣ କରୁଥିବା ଏକ କାର ସହ ଜଣେ ଯୁବକଙ୍କୁ ଗୁରୁବାର ମଧ୍ୟାହ୍ନ ୧୨ଟାବେଳେ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ମନୁମୁଣ୍ଡା ଥାନା ସାଲାଇପଡାର ରଞ୍ଜନ ମହାକୁଡ (୩୫)। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା(ନଂ. ୯୨/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। ସୂଚନାମତେ କାର ଯୋଗେ ବୌଦ୍ଧରୁ ସମ୍ବଲପୁରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ସୂଚନା ପାଇ ପୋଲିସ ଟିମ କେଲାକଟା ତାରେଣୀ ମନ୍ଦିର ନିକଟରେ ଛକି ରହିଥିଲେ। କାରଟି ଆସିବା ପରେ ପୋଲିସ ଅଟକାଇ ଯାଞ୍ଚ କରିବାରୁ ଗାଡିରେ ଗଞ୍ଜେଇ ଥିବା ଜଣାପଡିଥିଲା।

### ଅଗ୍ରଣୀ ଚାଷୀ ସଚ୍ଚିଦାନନ୍ଦ ସାହୁଙ୍କ ଦେହାନ୍ତ

ସମ୍ବଲପୁର,୧୭।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲ ଯୁଯୁମୁରା ବ୍ଲକ ଜୟନ୍ତପୁର ଗ୍ରାମର ଅଗ୍ରଣୀ ଚାଷୀ ସଚିଦାନନ୍ଦ ସାହୁଙ୍କ ୮୧ ବର୍ଷ ବୟସରେ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ମର ଶରୀରକୁ ଜୟନ୍ତପୁର ସ୍ଥିତ ବାସଭବନ ଅଣାଯାଇଥିଲା। ରାତି ଗୋଟାଏରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଜ୍ୟୋତିପ୍ରକାଶ ମୁଖାଗ୍ନି ଦେଇଥିଲେ। ପରଲୋକ ସମୟରେ ତାଙ୍କ ଦୁଇ ପୁଅ ଜ୍ୟୋତିପ୍ରକାଶ, ଦିବ୍ୟପ୍ରକାଶ, ୪ ଝିଅ ପରିବାର ଲୋକେ ଉପସ୍ଥିତ ଥିଲେ। ଜଣେ ଅଗ୍ରଣୀ କୃଷକଭାବେ ସେ ଅଞ୍ଚଳରେ ସେ ସୁନାମ ଅର୍ଜନ କରିଥିଲେ।

### ସମାଜସେବୀଙ୍କ ପରଲୋକରେ ଶୋକ

କୁଚିଣ୍ଡା,୧୭।୪ (ବିରଞ୍ଚି ଦର୍କା)



ସମ୍ବଲପୁର ଜିଲା ଜମନକିରା ବ୍ଲକ ଶିରିଡ ପଞ୍ଚାୟତ ସଦର ଗ୍ରାମର କେଶବ କୁଅଁର (୬୩)ଙ୍କ ବୁର୍ଲା ଭିମସାରରେ ବୁଧବାର ବିୟୋଗ ହୋଇଛି। ସେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଶିରିଡି ଓ ଭୋଜପୁର ପଞ୍ଚାୟତ ଅଞ୍ଚଳର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ବିଶିଷ୍ଟ ଶ୍ରମିକ ନେତା ତଥା ପୂର୍ବତନ ଏସଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ବିଜେଡି ଜିଲା ଉପସଭାପତି ମହମ୍ମଦ ମୂର୍ତ୍ତୁଜା ଓ ପୂର୍ବତନ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

# ୧ ଘଣ୍ଟା ମଧ୍ୟରେ ଏକ ହଜାର ସ୍ଲଟ ବୁକିଂ ଶେଷ

ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)

■ ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

■ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ

ସମ୍ବଲପୁରରେ ପ୍ରଥମଥର ପାଇଁ ଆସନ୍ତା ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଶୁଣାଣି ହେବାକୁ ଯାଉଛି। ଦୁର୍ଗାପାଲିସ୍ଥିତ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗର ଶୁଣାଣି କରିବା କାର୍ଯ୍ୟକ୍ରମ ରହିଛି। ମହାନଗର ନିଗମର ସମ୍ମିଳନୀ କକ୍ଷରେ ଉକ୍ତଦିନ ସକାଳ ୮ଟାରୁ ଶୁଣାଣି ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଗୁରୁବାର ପୂର୍ବାହ୍ନ ୧୧ଟାରୁ ଜନଶୁଣାଣୀ ପୋର୍ଟାଲ ଓ ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ଅନଲାଇନ୍ ପଞ୍ଜିକରଣ ଆରମ୍ଭ ହୋଇଥିଲା। ଏହି ପୋର୍ଟାଲ ୭୨ ଘଣ୍ଟା ପାଇଁ ଖୋଲିଥିଲା। ମାତ୍ର ପୋର୍ଟାଲ୍‌ରେ ଅଭିଯୋଗ ପଞ୍ଜୀକରଣ ଆରମ୍ଭ ହେବାର ମାତ୍ର ଦେଢ଼ଘଣ୍ଟା ମଧ୍ୟରେ ପ୍ରାୟ ୭ଶହ ସ୍ଲଟ୍ ବୁକିଂ ହୋଇ ସାରିଥିଲା। ଅପରାହ୍ନ ୩ଟା ବେଳକୁ ଧାର୍ଯ୍ୟ ହୋଇଥିବା ୧ ହଜାର ପଞ୍ଜୀକରଣ ହୋଇ ସ୍ଲଟ୍ ବୁକିଂ ଶେଷ ହୋଇ ଯାଇଥିବା ସୂଚନା ମିଳିଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାକୁ ଆଶା ରଖିଥିବା ବହୁ ସଂଖ୍ୟାରେ ଆଶାୟୀ ନିରାଶ ହୋଇଛନ୍ତି। ତେବେ ସେମାନେ ଅଫ୍‌ଲାଇନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପାଇଁ ନିଜ ଅଭିଯୋଗ ଦାଖଲ କରି ପାରିବେ ବୋଲି ସୂଚନା ମିଳିଛି।

ସମ୍ବଲପୁରଠାରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରେ ଝାରସୁଗୁଡ଼ା, ବରଗଡ଼ ଓ ଦେବଗଡ଼ ସହିତ ଅବିଭକ୍ତ ସମ୍ବଲପୁର ଜିଲାର ଜନସାଧାରଣ ଭାଗ ନେବେ। ଓଡ଼ିଶା ସରକାରଙ୍କ ୧୧ଜଣ ମନ୍ତ୍ରୀ ଓ ଶାସନ ସଚିବ ତଥା ଉଚ୍ଚ ପଦସ୍ଥ ଅଧିକାରୀମାନେ ଏଥିରେ ଯୋଗଦେବେ। ସମସ୍ତେ ୨୦ ତାରିଖ ସମ୍ବଲପୁରରେ ପହଞ୍ଚିବେ। ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଅଭିଯୋଗକାରୀ, ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଭିନ୍ନ ଭିନ୍ନ କକ୍ଷ ସ୍ୱତନ୍ତ୍ର ପ୍ରବେଶ ପଥର ବ୍ୟବସ୍ଥା କରାଯାଇଛି। ବିନା ପଞ୍ଜୀକରଣରେ କାହାରିକୁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଛି। ଏଥିପାଇଁ ଜିଲା ପୋଲିସ ପ୍ରଶାନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦବୋସ୍ତ କରାଯାଇଛି ବୋଲି ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି। ସେ କହିଛନ୍ତି, ଏଥିରେ ଭାଗ ନେବାକୁ ବିଶେଷ କରି ବରଗଡ଼ ଓ ଝାରସୁଗୁଡ଼ା ଜିଲାରୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ମହାନଗର ନିଗମ କାର୍ଯ୍ୟାଳୟରେ ଜନଶୁଣାଣୀର ବ୍ୟବସ୍ଥା ହୋଇଛି। ଯଦ୍ୱାରା ଏଠାରେ ଟ୍ରାଫିକ ନିୟନ୍ତ୍ରଣ ସହିତ ଲୋକଙ୍କୁ ଏଠାରେ ପହଞ୍ଚିବାରେ ସହଜ ହେବ ବୋଲି ସେ କହିଛନ୍ତି।

# ବିଜୁବାବୁଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମ



ସମ୍ବଲପୁର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ସମ୍ବଲପୁର,୧୭।୪(ବି.ଶଙ୍କର)

**ରେମେଡସ୍ଥିତ ପ୍ରତିମୂର୍ତ୍ତିରେ ବିଜେଡିର ମାଲ୍ୟାର୍ପଣ**

ସମ୍ବଲପୁର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲା ସଭାପତି ଇଂ.ରୋହିତ ପୂଜାରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସକାଳ ୯ଟା୩୦ରେ ସମ୍ବଲପୁର ସହର ରେମେଡ ଛକ ସ୍ଥିତ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଜନସାଧାରଣ ସର୍ବଦା ନ୍ୟାୟ ପାଇବା ଜରୁରୀ। ସହରରୁ ଗ୍ରାମାଞ୍ଚଳ ବିକଶିତ ହେଲେ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ବିଜେଡି ନେତାମାନେ ଶ୍ରଦ୍ଧାଞ୍ଜଳି ଦେଇ ମତବ୍ୟକ୍ତ କରିଥିଲେ। କିନ୍ତୁ ସଂପ୍ରତି ଭାଜପା ପରିଚାଳିତ ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ପ୍ରତି ସର୍ବଦା ଅନ୍ୟାୟ କରିଛନ୍ତି । ବରପୁତ୍ରମାନଙ୍କୁ ଅସମ୍ମାନ କରାଯାଉଛି । ନାରି ନିର୍ଯାତନ ବଢ଼ିବାରେ ଲାଗିଛି ବୋଲି କହିଥିଲେ। ବରିଷ୍ଠ ନେତା ମହମ୍ମଦ ସନାଉଲ୍ଲା, ବସନ୍ତ ମିଶ୍ର, ସୁରୁବାବୁ ମେହେର, ବେଣୁଧର ଦାଶ, ଧର୍ମରାଜ ମରେଇ, ସୁରେନ୍ଦ୍ର ବିଶ୍ୱାଳ, ସତ୍ୟେନ୍ଦ୍ର ଦାସ, ସଞ୍ଜୀବ ଷଡ଼ଙ୍ଗୀ, ହରଦୀପ ସିଂ ଭୁର୍ଜୀ, ଭାବେଶ ଚାନ୍ଦ, ରବିନ୍ଦ୍ର ସିଂ, ରୁଦ୍ର ଷଡ଼ଙ୍ଗୀ, ଦେବାଶିଷ ପରିଡ଼ା, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଅନମୋଲ ଦାସ, ସିପ୍ରା ମହାନ୍ତି, ଉଷା ପ୍ରଧାନ, ସଂଯୁକ୍ତା ମେହେର, ନନ୍ଦିନୀ ପ୍ରଧାନ, ସନ୍ତୋଷ ମହାନ୍ତି, ଭାସ୍କର ଦାସ, ବୁଲୁ ଦେବତା, ଘୁନୁ ସିଂ, ମନ ଥାପା, ଜଗନ୍ନାଥ ବାରିକ, ଗୋକୁଳି, ଏମଡି ସକିର ହୁସେନଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ବିଦ୍ୟା ବିକାଶରେ ନୈତିକ ଶିକ୍ଷା ଆଲୋଚନାଚକ୍ର



ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୧୭।୪(ବି.ଶଙ୍କର)

**ଭାରତକୁ ବିଶ୍ୱଗୁରୁ ଭାବେ ଆଗେଇ ନେବାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ**

ନୈତିକ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ର ସମ୍ବଲପୁର ଜିଲା ଶାସନସ୍ଥିତ ବିଦ୍ୟା ବିକାଶ ସମୂହ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ସହଯୋଗୀ ସମ୍ପାଦକ ଡ.ଆଲୋକ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ମସ୍ତିଷ୍କ ଓ ବ୍ୟବହାର ଗବେଷଣା କେନ୍ଦ୍ର ଅଧ୍ୟକ୍ଷା ଡାକ୍ତର ମୀନା ମିଶ୍ର, ବିଦ୍ୟାବିକାଶ ସମୂହ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, ନିର୍ଦ୍ଦେଶକ ଜି ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ.ପୁଷ୍ମିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟବାହୀ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହନ୍ତ ଓ ବିକାଶ କନସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶବନ୍ତ ସାହୁ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତକୁ ବିଶ୍ୱ ଗୁରୁ ଭାବରେ ଆଗେଇ ନେବାରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଉନ୍ନତ ମାନର ଶିକ୍ଷା କୌଶଳ ଦ୍ୱାରା ଛାତ୍ରୀଛାତ୍ରୀଙ୍କ ଭବିଷ୍ୟ ଉଜ୍ଜ୍ୱଳ ହେଉଛି। ଏନେଇ ବିକାଶ ସମୂହ ଶିକ୍ଷାନୁଷ୍ଠାନ ନିରନ୍ତର ପ୍ରୟାସ ଜାରି ରହିଛି। ଯଦ୍ୱାରା ଛାତ୍ରୀଛାତ୍ରମାନେ ସଫଳତାର ଶୀର୍ଷକୁ ଛୁଇଁବାରେ ସଫଳ ହେଉଛନ୍ତି ବୋଲି ମୁଖ୍ୟ ଅତିଥି ମିଶ୍ର ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଡାକ୍ତର ମୀନା କହିଥିଲେ ଛାତ୍ରୀଛାତ୍ରମାନେ ନିଜ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଜାଣି ନିଜର ବ୍ୟକ୍ତିତ୍ୱର ବିକାଶ କରିବା ଉଚିତ। ଯଦ୍ୱାରା ସେମାନେ ସୁନିଶ୍ଚିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବେ। ଶେଷରେ ବିକାଶ ସିନିୟର୍ ସେକେଣ୍ଡାରୀର ଅଧ୍ୟକ୍ଷା ଡ. ପୁଷ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ହତ୍ୟା ଅଭିଯୁକ୍ତ ଗୁଜରାଟରୁ ଗିରଫ

ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଠେଲକୋଲୋଇ ଥାନା ଅଞ୍ଚଳର ଏକ ହତ୍ୟା ଘଟଣାର ଅଭିଯୁକ୍ତ ବ୍ରିଜେଶ ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ପୋଲିସର ଏକ ଦଳ ଗୁଜରାଟ ଅମ୍ବାଜି ସହରରୁ ତାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ଠେଲକୋଲେଇରେ ଭଡ଼ାସୂତ୍ରରେ ବ୍ରିଜେଶ ତାଙ୍କ ବନ୍ଧୁ ଉମେଶ ପୂର୍ତ୍ତିଙ୍କ ସହିତ ରହୁଥିଲେ। ଗତ ଫେବୃଆରୀ ୧୯ରେ ରୋଷେଇ କରିବାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବ୍ରିଜେଶ ଉତ୍ତ୍ୟକ୍ତ ହୋଇ ଏକ ଛୁରରେ ଉମେଶଙ୍କୁ ଭୁଶି ହତ୍ୟା କରିବା ପରେ ଫେରାର ହୋଇ ଯାଇଥିଲେ। ଏହାକୁ ନେଇ ଠେଲ୍‌କୋଲେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। କୌଣସି ସୂତ୍ରରୁ ଖବର ପାଇ ଠେଲକୋଲେଇ ଥାନାର ଏକ ପୋଲିସ ଦଳ ଅମ୍ବାଜିରେ ପହଞ୍ଚି ଅଭିଯୁକ୍ତ ବ୍ରିହେଶଙ୍କୁ ଗିରଫ କରି ସମ୍ବଲପୁର ଆଣୁଥିବା ଜଣାପଡ଼ିଛି।

### ପ୍ରଫେସର ରସାନନ୍ଦ ପ୍ରଧାନଙ୍କ ପରଲୋକ

ସମ୍ବଲପୁର,୧୭।୪(ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଭୂଗୋଳ ପ୍ରାଧ୍ୟାପକ ଡ଼କ୍ଟର ରସାନନ୍ଦ ପ୍ରଧାନଙ୍କ ୯୦ ବର୍ଷ ବୟସରେ ଗୁରୁବାର ଭୋର ୩ ଟାରେ ପରଲୋକ ହୋଇଯାଇଛି। ତାଙ୍କର ମର ଶରୀରକୁ ଶାନ୍ତିନଗର ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସ୍ଥାନୀୟ ଲୋକେ ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦୁର୍ଗାପାଲିସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କ ସହ ଦୁଇ ପୁଅ, ତନିଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା।



ଡ. ରସାନନ୍ଦ ପ୍ରଧାନ ।

# ପୂର୍ବତନ ଭିମ୍‌ସାର ନିର୍ଦ୍ଦେଶକଙ୍କ ପରଲୋକ

ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)

ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା କେନ୍ଦ୍ର (ଭିମ୍‌ସାର) ର ପୂର୍ବତନ ନିର୍ଦ୍ଦେଶକ ଡା. ବର୍ଷା ଟୁଡୁଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସମଲେଶ୍ୱରୀ ନର୍ସିଂହୋମରେ ଗୁରୁବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ ୧୯୯୬ ମସିହାରୁ ଭିମ୍‌ସାରରେ ଅସ୍ତ୍ରିଶଲ୍ୟ ବିଶେଷଜ୍ଞ ବିଭାଗୀୟ ମୁଖ୍ୟ ଭାବେ ନିଷ୍ଠାର ସହିତ କାର୍ଯ୍ୟ କରିଥିଲେ। ୨୦୨୪ମସିହାରେ ସେ ଭିମ୍‌ସାରର ନିର୍ଦ୍ଦେଶକ ପଦବୀରୁ ଅବସର ଗ୍ରହଣ କରିଥିଲେ। ତେବେ ସେ ବୁର୍ଲା ଡାକ୍ତର କଲୋନୀରେ ରହି ରୋଗୀ ସେବା ଅବ୍ୟାହତ ରଖିଥିଲେ। ସେ ନିଃସନ୍ତାନ ଥିଲେ। କିଛି ବର୍ଷ ପୂର୍ବେ ତାଙ୍କ ଧର୍ମପତ୍ନୀଙ୍କ ପରଲୋକ ପରେ ସେ ଏକାକୀ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବୁର୍ଲା ସହରରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଶେଷ ଦର୍ଶନ ପାଇଁ ଡାକ୍ତର କଲୋନୀସ୍ଥିତ ତାଙ୍କ ସରକାରୀ ବାସଭବନକୁ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ଭିମ୍‌ସାର ଚିକିତ୍ସକଙ୍କ ସୁଅ ଛୁଟିଥିଲା। ଶୁକ୍ରବାର ତାଙ୍କ ମର ଶରୀରକୁ ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲା ବାରିପଦା ନିଆଯାଇ ଅନ୍ତିମ ସତ୍କାର କରାଯିବ ବୋଲି ସୂଚନା ମିଳିଛି।



ଡା. ବର୍ଷା ଟୁଡୁ।

# ବିଦ୍ୟାସାଗର ଜ୍ଞାନମନ୍ଦିର ବାର୍ଷିକ ଉତ୍ସବ

ପଡିଆବାହାଲ,୧୭।୪ (ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ମାନେଶର ବ୍ଲକ ନୂଆଁତିହୁରା ପଞ୍ଚାୟତ ମୁରାସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ବିଦ୍ୟାସାଗର ଜ୍ଞାନ ମନ୍ଦିରର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଡିପିଏ କଲେଜ ଅଧ୍ୟକ୍ଷ ନାରାୟଣ ପଧାନ ମୁଖ୍ୟ ଅତିଥି, ଗବେଷକ ପୁରୁଷୋତ୍ତମ ପାତ୍ର ସମ୍ମାନିତ ଅତିଥି, ଫାର୍ମାଶିଷ୍ଟ ପ୍ରଶାନ୍ତ କୁମାର ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ଉପରେ ଆଧାରିତ ପାଠ୍ୟକ୍ରମ ସମସ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରାଯିବା ଆବଶ୍ୟକ ବୋଲି କହିଥିଲେ। ସନ୍ଧ୍ୟାରେ ହୋଇଥିବା ଦ୍ୱିତୀୟ ଅଧିବେଶନରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ମୁଖ୍ୟ ଅତିଥି, ଅଧ୍ୟାପକ ତଥା ଗୀତିକାର ଯତୀନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ନୂଆତିହୁରା ସରପଞ୍ଚ ପ୍ରତିମା ସାହୁ, ସମିତି ସଭ୍ୟ ସଞ୍ଜୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ପର୍ଶୁରାମ ଖମାରି, ରାଧାମୋହନ ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଭୟ ଅଧିବେଶନରେ ସ୍କୁଲ ପରିଚାଳନା କମିଟି ସଭାପତି ରତନ କୁମାର ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ସୋନାକ୍ଷୀ ସାହୁ ସଭାରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ। ସମ୍ପାଦକ ଲୁଲେନ୍ଦୁ ସାହୁ ସଭା ପରିଚାଳନା କରିଥିଲେ । ଅତିଥିମାନେ ଅନୁଷ୍ଠାନର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

କୁଚିଣ୍ଡା,୧୭।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡାରେ ବିଜେଡି ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହ ମହାତ୍ମା ଗାନ୍ଧୀ, ବିର୍ସା ମୁଣ୍ଡା ଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ନଗର ସଭାପତି ସଭାପତି ନବୀନ ହୋତା, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ସଞ୍ଜୟ ବେହେରା, ବିଜୁ ସାହୁ, ଅଭିଳାଷ ଅଗ୍ରୱାଲଙ୍କ ସମେତ ବିଜେଡିର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଏସ୍‌ପିଙ୍କୁ ଭେଟିଲେ ମୁସଲମାନ ସମ୍ପ୍ରଦାୟ ସଦସ୍ୟ



ଆରକ୍ଷୀ ଅଧୀକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ମୁସଲମାନ ସମୁଦାୟ ଭେଟିଛନ୍ତି।

ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)

**ସୁରୁଖରେ ହନୁମାନ ଜୟନ୍ତୀ ପରିଚାଳନା ପାଇଁ ଧନ୍ୟବାଦ ଜଣାଇଲେ**

ସମ୍ବଲପୁରରେ ଶାନ୍ତି ଶୃଙ୍ଖଳାର ସହିତ ଓଡ଼ିଆ ନବବର୍ଷ, ରାମ ନବମୀ ଓ ହନୁମାନ ଜୟନ୍ତୀ ତଥା ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳର ସହିତ ସମ୍ପନ୍ନ ହୋଇଛି। ଏହାର ସୁଚାର ରୂପେ ପରିଚାଳନା କରିଥିବାରୁ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ସମ୍ବଲପୁର ମୁସଲମାନ ସମୟଦାୟର ବିଭିନ୍ନ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏସ୍‌ପି ଭାମୁଙ୍କୁ ସାକ୍ଷାତ କରି ସୟଦ ସବୀର, ମହମ୍ମଦ ଗୁରଲଜାର ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ଲୋକେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶାନ୍ତି ଓ ଭାଇଚାରାର ସହ ଚଳିତ ବର୍ଷ ହନୁମାନ ଜୟନ୍ତୀ ସମ୍ପନ୍ନ ହୋଇଥିବାରୁ ପୋଲିସ ଓ ଜିଲା ପ୍ରଶାସନ ଧନ୍ୟବାଦର ପାତ୍ର ବୋଲି ସେମାନେ କହିଥିଲେ। ଏଥିସହିତ ଆଗାମୀ ଦିନରେ ସମ୍ବଲପୁରରେ ହେବାକୁ ଥିବା ସମସ୍ତ ପର୍ବପର୍ବାଣୀରେ ସେମାନଙ୍କ ସହଯୋଗ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏସ୍‌ପି ଭାମୁ କହିଛନ୍ତି, ଚଳିତ ବର୍ଷ ହନୁମାନ ଜୟନ୍ତୀ ଓ ଶୋଭାଯାତ୍ରାକୁ ନେଇ ଲୋକଙ୍କ ମଧ୍ୟର ରହିଥିବା ସଂଶୟ ଦୂର ହୋଇଛି। ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହିତ ହିନ୍ଦୁ ନବବର୍ଷଠାରୁ ଆରମ୍ଭ କରି ରାମ ନବମୀ ଓ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ପୋଲିସକୁ ସହଯୋଗ କରିଥିବାରୁ ସହରବାସୀ, ବିଭିନ୍ନ ମୁସଲମାନ କମିଟି ଓ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି।

# ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗଡୁ ମୁଖ୍ୟମନ୍ତ୍ରୀ ବସ୍

ସମ୍ବଲପୁର,୧୭।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଟାମ୍ପରଗଡ ପଞ୍ଚାୟତର ବିଭିନ୍ନ ଗାଁକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାକୁ ଦାବି ହୋଇଛି। ଗୁରୁବାର ପଞ୍ଚାୟତ ଅଧୀନ ଧଳପାଲ ଛକରେ ଶତାଧିକ ମହିଳା ମୁଖ୍ୟମନ୍ତ୍ରୀ ବସକୁ ଅଟକାଇ ପ୍ରତିବାଦ କରିଥିଲେ। ଯଦ୍ୱାରା ସକାଳ ୯ଟାରୁ ଗୋଟାଏ ଘଣ୍ଟା ପର୍ଯ୍ୟନ୍ତ ବସ୍‌ରେ ଯାତ୍ରୀମାନେ ରହି ହଇରାଣ ହୋଇଥିଲେ। ଟାମ୍ପରଗଡ ପଞ୍ଚାୟତ ଅନ୍ତର୍ଗତ ବେହେରାମାଲ ଓ ଲଏଡା ରାଜସ୍ୱ ଗ୍ରାମ ଅନ୍ତର୍ଗତ ଗୋଗୁଆପଡା, ମହୁଲପାଲି, ବେହେରାମାଲ, ତିରପିଟକନି, ପିପଲପଡା ସମେତ ଅନେକ ଗାଁକୁ ମୁଖ୍ୟମନ୍ତ୍ରୀ ବସ ସେବା ପହଞ୍ଚି ପାରୁନାହିଁ। ବସ୍ ଚଳାଚଳ ହେଉ ନ ଥିବାରୁ ମହିଳା ଏବଂ ଛାତ୍ରୀଛାତ୍ରମାନେ ବ୍ୟାଙ୍କ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଯିବା ଆସିବା କରିବାରେ ହଇରାଣ ହେଉଛନ୍ତି। ପୂର୍ବରୁ ମଧ୍ୟ ଅଞ୍ଚଳବାସୀ ବସ୍ ଚଳାଚଳ ନେଇ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲା। ବସ୍ ଚଳାଚଳ ଦାବି କରି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ବସକୁ ଅବରୋଧ କରି ପ୍ରତିବାଦ କରିଥିଲେ। ଟାମ୍ପରଗଡ ପଞ୍ଚାୟତ ଅନ୍ତର୍ଗତ ୨୩ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ନିଜ ଅଞ୍ଚଳକୁ ବସ୍ ଚଳାଚଳ କରିବାକୁ ଦାବି କରି ଅବରୋଧରେ ସାମିଲ ହୋଇଥିଲେ। ବସ୍ ଅବରୋଧ କରାଯିବା ଖବର ପାଇ ଟାମ୍ପରଗଡ ପଞ୍ଚାୟତର ସରପଞ୍ଚ କ୍ଷିରୋଦ ରାଉଳ ଘଟଣାସ୍ଥଳରେ ପହଞ୍ଚି ବସ୍ ଅବରୋଧ କରିଥିବା ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରିଥିଲେ। ଦାବି ହେଉଥିବା ଅଞ୍ଚଳକୁ ବସ ଚଳାଚଳ କରିବାକୁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦାବି ପୂରଣ ନ ହେଲେ ଆଗକୁ ମହିଳାମାନେ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଟାମ୍ପରଗଡ ପଞ୍ଚାୟତର ଧଳପାଲ ଛକରେ ମୁଖ୍ୟମନ୍ତ୍ରୀ ବସ୍‌କୁ ମହିଳାମାନେ ଅବରୋଧ କରିଛନ୍ତି।

**ଧଳପାଲ ଛକରେ ବସ୍ ଅଟକ ରଖିଲେ ପ୍ରତିବାଦ କଲେ ମହିଳା**

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲା: ୯ ଜଣଙ୍କୁ ଜେଲ

ଟିଟିଲାଗଡ଼,୧୭।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ସିହିନୀରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଟିଟିଲାଗଡ଼ ସବଜଜ୍ କୃଷ୍ଣଚନ୍ଦ୍ର ନାୟକ ଗୁରୁବାର ୯ ଜଣଙ୍କୁ ୩ ବର୍ଷ ଲେଖାଁଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ହଜାର ଟଙ୍କା ଲେଖାଁଏ ଜରିମାନା ଓ ଜରିମାନା ଅନାଦେୟ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ସରକାରୀ ଅଧିବକ୍ତା ରଘୁନାଥ ରଥଙ୍କ ସୂଚନା ଅନୁଯାୟୀ, ୨୦୧୮ରେ ଉକ୍ତ ଗ୍ରାମର ଧୈର୍ଯ୍ୟ ଛତର, ବଶିଷ୍ଠ ଛତର ଏବଂ କ୍ଷମା ଛତରଙ୍କୁ ଅଭିଯୁକ୍ତମାନେ ଲୁହା ରଡ଼, ବାଡ଼ି, ଟାଙ୍ଗିଆ ସାହାଯ୍ୟରେ ଗୁରୁତର ଆକ୍ରମଣ କରିଥିଲେ। ଆହତ ୩ ଜଣଙ୍କୁ ପ୍ରଥମେ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ ଓ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏନେଇ ହୋଇଥିବା ଅଭିଯୋଗ କ୍ରମେ ଟିଟିଲାଗଡ଼ ଥାନା ପୋଲିସ ପିଏସ କେଶ ନଂ ୧୬/୧୮ରେ ମାମଲା ରୁଜୁ କରିଥିଲା । ସେତେବେଳେ ଏହି ଆକ୍ରମଣ ଘଟଣାରେ ୧୦ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହାକୁ ବିଚାରକୁ ନେଇ ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ ପରେ ସବଜଜ୍ ନାୟକ ବିମଲ ଛତର, ନେପାଳ ଛତର, ଦୃଷ୍ଟି ଛତର, କନିଷ୍ଠ ଛତର, ଶଶିଷ୍ଠ ଛତର, ବାମ ଛତର, ବିବସ୍ଵ ଛତର, ମହୀପତି ଛତର, ବୀରେନ୍ଦ୍ର ଛତରଙ୍କୁ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡ ଶୁଣାଇଛନ୍ତି। ମାମଲାରେ ଅନ୍ୟତମ ଅଭିଯୁକ୍ତ ଜଣେ ନାବାଳକଙ୍କୁ ବଲାଙ୍ଗୀର ଜୁଭେନାଇଲ କେନ୍ଦ୍ରକୁ ପଠାଯାଇଛି।

### ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ

ପାଟଣାଗଡ,୧୭।୪(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ଏନଏସିସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଗୁରୁବାର ପାଟଣାଗଡ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ପୂର୍ବତନ ବିଧାୟକ ସରୋଜ କୁମାର ମେହର ଯୋଗଦେଇ ଥିଲେ। ଏନଏସି ଅଧକ୍ଷା ମାନସୀ ବିଶାଲ, ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେର, ବ୍ଲକ ଅଧ୍ୟକ୍ଷ ନିଲକାନ୍ତ ବାଗ, ବ୍ଲକ ଉପାଧକ୍ଷା ଲକ୍ଷ୍ମୀ ମାଝୀଙ୍କ ସମେତ ଦଳର ବରିଷ୍ଠ ବ୍ୟକ୍ତି ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଥମେ ବିଜୁବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଗତ ୧୫ ତାରିଖ ଦିନ ଏନଏସିସ୍ଥିତ ବ୍ଲକ ଛକଠାରେ ପଲିଥିନ ଘୋଡା ହୋଇ ରହିଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃର୍ତ୍ତ ନିଆଁ ଲଗାଇ ଦେବା ଘଟଣାକୁ ଦଳ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହ ବିରୋଧ କରାଯାଇଥିଲା। ଏହି ଘଟଣାରେ ସାମିଲ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

# ସପ୍ତାହେ ବିତିଲା, ହୋଇନି ମରାମତି

**ବିଦ୍ୟୁତ୍ ଖୁଣ୍ଟ ପୋତିଲା ବେଳେ ପାଇପ ଲାଇନ ଫାଟିବା ଘଟଣା**

**ଜଳ ଯୋଗାଣ ବ୍ୟାହତ, ବଢୁଛି ଜନ ଅସନ୍ତୋଷ**

ଲୋଇସିଂହା,୧୭।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ବସ୍ତି ଅଞ୍ଚଳରେ ଏକ ନୂତନ ବିଦ୍ୟୁତ୍ ଖୁଣ୍ଟ ପୋତିବା ସମୟରେ ବସ୍ତିକୁ ଜଳ ଯୋଗାଣ ହେଉଥିବା ପାଇପ ଫାଟି ଯାଇଛି। ଇତିମଧ୍ୟରେ ଏକ ସପ୍ତାହ ବିତିଥିଲେ ମଧ୍ୟ ମରାମତି କରାଯାଇନାହିଁ। ଆରଡବ୍ଲୁଏସଏସ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ମରାମତି ବିଳମ୍ବ ହେଉଛି । ଫଳସ୍ୱରୂପ ବୁର୍ଡା ବସ୍ତିରେ ପାଇପ ପାଣି ଯୋଗାଣ ବ୍ୟାହତ ହୋଇଛି। ଏପରି କି ପାଇପ ଫାଟିଥିବା ସ୍ଥାନରେ ମରାମତି କରାଯାଇ ନ ଥିବାରୁ ଜଳ ଯୋଗାଣ ବେଳେ ସମ୍ପୃକ୍ତ ଅଞ୍ଚଳରେ ପାଣି ଲହଡା ମାରିବା ସହ ଲୋକଙ୍କ ଘରକୁ ପଶି ଯାଉଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବିଦ୍ୟୁତ୍ ବିଭାଗ ପକ୍ଷରୁ ବୁର୍ଡା ମଧମପଡା ପୂର୍ବତନ ସରପଞ୍ଚ ସହଦେବ ସାଙ୍କ ଘର ଗଳିରେ ଏକ ପୁରୁଣା ବିଦ୍ୟୁତ୍ ଖୁଣ୍ଟକୁ ହଟାଇ ନୂତନ ଖୁଣ୍ଟ ପୋତାଯାଇଛି । ଏହି ଖୁଣ୍ଟ ପୋତିବା ପାଇଁ ଗାତ ଖୋଳିବା ବେଳେ ସେହି ଅଞ୍ଚଳ ଦେଇ ଯାଇଥିବା ୩ ଇଞ୍ଚ ବିଶିଷ୍ଟ ପାଇପ ଫାଟିଯାଇଛି । ବିଦ୍ୟୁତ୍ ଖୁଣ୍ଟ ପୋତା କାମ ବିଦ୍ୟୁତ୍ ବିଭାଗ ପକ୍ଷରୁ ସାରି ଦିଆଯାଇଛି। ହେଲେ ପାଇପ ଯେଉଁ ଜାଗାରେ ଫାଟିଛି ସେଠାରେ ମରାମତି କରିବାକୁ ବିଦ୍ୟୁତ ବିଭାଗ ଭୁଲି ଯାଇଛି । ତେଣୁ ବସ୍ତିକୁ ପାଇପ ଜଳ ଯୋଗାଣ ହେଲେ ସେହି ଅଞ୍ଚଳରେ ଅଯଥାରେ ପାଣି ବହି ଯାଇ ନଷ୍ଟ ହେଉଛି । ଅପରପକ୍ଷେ ପାଇପ ଫାଟିଥିବାରୁ ଗ୍ରାମର ତଳିପଡା ଏବଂ ଦଳିତ ବସ୍ତି ଅଞ୍ଚଳକୁ ଜଳ ଯୋଗାଣ ବେଳେ ପାଇପ ପାଣି ଆସୁନାହିଁ। ଗ୍ରୀଷ୍ମ ପ୍ରବାବ ବୃଦ୍ଧି ପାଇଥିବା ବେଳେ ପିଇବା ପାଣି ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଇପ ପାଣି ପାଉ ନ ଥିବା ଲୋକେ ଦୂର ସ୍ଥାନକୁ ଯାଇ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ସରପଞ୍ଚ ସୁଦୀପ କୁମାର ସା କହିଛନ୍ତି, ବିଦ୍ୟୁତ ଖୁଣ୍ଟ ପୋତିଲା ବେଳେ ପାଇପ ଫାଟି ଯାଇଥିଲା । ସେତେବେଳେ ବିଭାଗୀୟ କର୍ମଚାରୀମାନେ ତାଙ୍କୁ ଡାକି ଜଣାଇ ପରବର୍ତ୍ତୀ ସମୟରେ ମରାମତି କରିବାକୁ କହିଥିଲେ। ଇତିମଧ୍ୟରେ ସପ୍ତାହେ ବିତି ଥିଲେ ସୁଦ୍ଧା ପଦକ୍ଷେପ ନିଆଯାଇନାହିଁ । ୩ ଇଞ୍ଚ ବିଶିଷ୍ଟ ପାଇପ ହୋଇଥିବାରୁ ପଞ୍ଚାୟତ ପକ୍ଷରୁ ମରାମତି କରିବା ସମ୍ଭବ ହେଉନାହିଁ। ମରାମତି ପାଇଁ ଆରଡବ୍ଲୁଏସଏସ ବିଭାଗକୁ ଜଣାଇ ଦିଆଯାଇଛି। ଏହାମଧ୍ୟରେ ଟ୍ୟାଙ୍କରରେ ପଞ୍ଚାୟତ ପକ୍ଷରୁ ପାଣି ସେହି ଅଞ୍ଚଳକୁ ଦିଆଯାଉଥିବା ସେ କହିଛନ୍ତି ।


ପାଇପ ଫାଟି ଯାଇଥିବା ସ୍ଥାନ।

# ଭିନ୍ନକ୍ଷମଙ୍କୁ ମିଳୁନାହିଁ ଆବାସ ଯୋଜନା ଘର


ଆବାସ ଯୋଜନାରେ ଘର ଯୋଗାଇବାକୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ଭିନ୍ନକ୍ଷମମାନେ।

ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ଗାଁର ଭିନ୍ନକ୍ଷମମାନଙ୍କୁ ମିଳିନାହିଁ ଆବାସ ଯୋଜନାରେ ଘର। ଏଭଳି ଅଭିଯୋଗ ନେଇ ଗାଁର ୪ ଜଣ ଭିନ୍ନକ୍ଷମ ଗୁରୁବାର ଜିଲାପାଳ କାର୍ଯ୍ୟାଳୟକୁ ଆସି ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। କୁଲତାପଡାର ଶାନ୍ତି କୁଅଁର (୫୦)ଙ୍କ ହାତ ଗୋଡ ଚାଲୁନାହିଁ। ଫଳରେ ସେ ସମ୍ପୂର୍ଣ୍ଣ ରୂପେ ପରିବାର ଉପରେ ନିର୍ଭରଶୀଳ। ତାଙ୍କୁ ଭତ୍ତା ମିଳୁଛି। ଘର ଖଣ୍ଡିଏ ମିଳୁ ବୋଲି ସେ ଦୀର୍ଘବର୍ଷ ହେଲା ଦାବି କରିଆସୁଛନ୍ତି। ଗାଁର ଗୋପାଳ ସୁନା (୨୩)ଙ୍କ ସ୍ୱାସ୍ଥ୍ୟ ଅସୁବିଧାରୁ ଭିନ୍ନକ୍ଷମ ପାଲଟି ଯାଇଛନ୍ତି। ତାଙ୍କୁ ଘର ଖଣ୍ଡେ ମିଳୁ ବୋଲି ସେ ଦାବି କରି ଆସୁଛନ୍ତି। ସେହିପରି ଗାଁର ଭାଗ୍ୟ ସୁନା (୩୬)ଙ୍କ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ରହିଛି। ଗାଁର ସେବତୀ ମେର୍ଲି (୨୨) ସମ୍ପୂର୍ଣ୍ଣ ଶୁଣିପାରନ୍ତି ନାହିଁ। ତାଙ୍କର ମଧ୍ୟ ଘର ନାହିଁ। ସରକାର ଭିନ୍ନକ୍ଷମମାନଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଗୁରୁତ୍ୱ ଦେଉଥିବା ବେଳେ ଉପରୋକ୍ତ ୪ ଜଣ ଏଥିରୁ ବଞ୍ଚିତ ହୋଇଛନ୍ତି । ଫଳରେ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି।

# ସିସିଟିଭି ଫୁଟେଜ୍ ଖୋଲିବ ହତ୍ୟା ଗୁମର

**ଚିମିନିଭାଟିପଡ଼ା ରାମ ଦାସ ହତ୍ୟା ମାମଲା**

**ସିସି ଟିଭି ଫୁଟେଜ୍‌ରେ ସମୟ ଟ୍ୟାମ୍ପରିଂ ହୋଇଛି: ଏସ୍‌ପି**

ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଚିମିନିଭାଟିପଡାରେ ଗତ ୧୨ ତାରିଖ ଦିନ ଦ୍ୱିପ୍ରହରରେ ଟ୍ରକ୍ ଡ୍ରାଇଭର ରାମ ଦାସ (୪୬)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ୫ ଦିନ ପରେ ବଲାଙ୍ଗୀର ପୋଲିସ ହତ୍ୟାକାଣ୍ଡର ଏକମାତ୍ର ଅଭିଯୁକ୍ତ ଭାବେ ସ୍ଥାନୀୟ ରାମେଶ୍ୱରନଗରର ଚିନୁ ଓରଫ୍ ରାଜୀବ ପଟ୍ଟନାୟକ (୩୭)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା। ମୃତ ରାମ ଜଣେ କମିଶନ ଏଜେଣ୍ଟ ଭାବେ ଋଣ ଟଙ୍କା କାରବାର କରୁଥିଲେ ଏବଂ ସୁଧ ଓ ମୂଳଧନ ଟଙ୍କା ନ ଫେରାଇବାରୁ ଟଙ୍କା ଲଗାଣକାରୀ ଅଭିଯୁକ୍ତ ଚିନୁ ତାଙ୍କୁ ହତ୍ୟା କରିଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ବୁଧବାର ସନ୍ଧ୍ୟାରେ ରିଜର୍ଭ ପୋଲିସ ପଡିଆରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ। ତେବେ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରି ଗିରଫ ଅଭିଯୁକ୍ତ ଚିନୁଙ୍କ ସ୍ତ୍ରୀ ସୁରମା ବହିଦାର ଗୁରୁବାର ଅପରାହ୍ଣରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ଖବରଦାତା ସମ୍ମିଳନୀ କରି ଏକ ସିସି ଟିଭି ଫୁଟେଜ୍ ଦେଖାଇ ଯେଉଁ ସମୟରେ ରାମ ଦାସଙ୍କ ହତ୍ୟା ହୋଇଛି ବୋଲି ପୋଲିସ କହୁଛି ସେହି ସମୟରେ ତାଙ୍କ ସ୍ୱାମୀ ଚିନୁ ମାଧିଆପାଲିସ୍ଥିତ ତାଙ୍କ ଦୋକାନରେ ଥିଲେ ବୋଲି କହିଛନ୍ତି। ଏହି ହତ୍ୟାକାଣ୍ଡରେ ତାଙ୍କ ସ୍ୱାମୀ ସମ୍ପୃକ୍ତ ନୁହନ୍ତି ବୋଲି ସେ କହିଛନ୍ତି। ଏନେଇ ବଲାଙ୍ଗୀର ଏସ୍‌ପି ଅଭିଲାଷଙ୍କୁ ପଚରାଯିବାରୁ ପୋଲିସ ପକ୍ଷରୁ ସେହି ଦୋକାନର ସିସି ଟିଭି ଯାଞ୍ଚ କରାଯାଇଛି। ସେହି ସିସିଟିଭିରେ ପ୍ରକୃତ ସମୟ ଠାରୁ ପ୍ରାୟ ୧୨ ମିନିଟ୍ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି। କେଉଁ ଉଦ୍ଦେଶ୍ୟରେ ଏହା କରାଯାଇଛି ତାହା ସ୍ପଷ୍ଟ ବୋଲି କହିବା ସହ ସିସିଟିଭିର ସମୟ ଟ୍ୟାମ୍ପରିଂ କରାଯାଇଥିବା ସେ ସୂଚନା ଦେଇଛନ୍ତି।

### ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ

ଲୋଇସିଂହା,୧୭।୪(ସୁଶାନ୍ତ ବାରିକ)

ଗୁରୁବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଲୋଇସିଂହା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ଅଧକ୍ଷତା କରିଥିଲେ । ଏଥିରେ ବିଧାୟକ ପ୍ରାର୍ଥୀ ନିହାରରଞ୍ଜନ ବେହେରା, ଯୁବନେତା ଆକାଶ ମିଶ୍ର, ପଞ୍ଚୁ ସାହୁ, କୈଳାଶ ବରିହା, ଯୁବ ସଭାପତି ନାରାୟଣ ସାହୁ, ବରିଷ୍ଠ କର୍ମୀ ପ୍ରଦୀପ କୁମାର ସାହୁ, ଫିରୋଜ ସାଥୁଆ, ଜୟନ୍ତ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଦଳୀୟ ନେତାମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ସ୍ମୃତିଚାରଣ କରିଥିଲେ। ନିକଟରେ ଜିଲାର ପାଟଣାଗଡଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲାଗିବା ଘଟଣାକୁ ନେଇ ନିନ୍ଦା କରାଯିବା ସହ ଏହା ବିରୋଧୀଙ୍କ ହୀନ ରାଜନୀତି ବୋଲି ଏହି ଅବସରରେ ନେତୃବୃନ୍ଦ କହିଥିଲେ।

# ମାରଣାସ୍ତ୍ର ଦେଖାଇ ନାବାଳକଙ୍କୁ ଧମକ ଚମକ ଅଭିଯୋଗ

**ଏୟାର ପିସ୍ତଲ ଜବତ, ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ**

ଖପ୍ରାଖୋଲ,୧୭।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ଦାନାମାଲ ଗାଁ ନିକଟରେ ଜଣେ ନାବାଳକଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଚମକ ଦେବା ସହ ଟଙ୍କା ଦାବି କରିବା ଅଭିଯୋଗରେ ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଲେ ପାଇକମାଳ ଥାନା କରମେଲାବାହାଲ ଗାଁର ଅମର ବାଗ (୧୯) ଓ ଖପ୍ରାଖୋଲ ଥାନା ଜଳିଆବାହାଲ ଗାଁର ବିକାଶ ମହାନନ୍ଦ (୧୯) ।

ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନରେ ଦାନାମାଲ ଗାଁର ନାବାଳକ ରାମେଶ୍ୱର ପାତ୍ର (୧୬)ଙ୍କୁ ଦୁଇ ଅଭିଯୁକ୍ତ ମୋବାଇଲରେ କଲ୍ କରି ଦାନାମାଲ କଲେଜ ପାଖକୁ ଡାକିଥିଲେ। ସେଠାକୁ ରାମେଶ୍ୱର ଯିବା ପରେ କୌଣସି କଥାକୁ ନେଇ ଅଭିଯୁକ୍ତମାନଙ୍କ ସହ ବଚସା ହୋଇଥିଲା । ଏହି ସମୟରେ ସେମାନେ ରାମେଶ୍ୱରଙ୍କ ମୋବାଇଲ ଲୁଟି ନେବା ସହ ଗାଳିଗୁଲଜ କରି ତାଙ୍କ ଛାତିରେ ଏୟାର ପିସ୍ତଲ ଲଗାଇ ହତ୍ୟା ଧମକ ଦେଇଥିଲେ । ଜୀବନ ବିକଳରେ ନାବାଳକ ଜଣକ ପାଟି କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ଦୌଡି ଆସି ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରି ଖପ୍ରାଖୋଲ ପୋଲିସକୁ ଖବର ଦେଇଥିଲେ। ପୋଲିସ ସଦଳବଳେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଏକ ଏୟାର ପିସ୍ତଲ ଓ ମୋଟର ସାଇକେଲ ଜବତ କରିଥିଲା। ନାବାଳକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ ୮୬/୨୫ରେ ୨୯୬, ୩୫୧(୨) ଭାରତୀୟ ନ୍ୟାୟ ସଂହିତା ଓ ୨୮ ଆର୍ମ ଆକ୍ଟ ଅନୁସାରେ ଏକ ମାମଲା ରୁଜୁ କରିଥିବା ଥାନା ଏସଆଇ ଲିଙ୍ଗରାଜ କିଷାନ ପ୍ରକାଶ କରିଛନ୍ତି। ଉଭୟଙ୍କ ମଧ୍ୟରେ ପୁରୁଣା କଳିକୁ ନେଇ ଏଭଳି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି।

# ଦୁର୍ନୀତି ଅଭିଯୋଗ ନେଇ ଜିଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ମାଢ଼େକେଲା ଗ୍ରାମ ପଞ୍ଚାୟତରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ନେଇ କେତେଜଣ ବ୍ୟକ୍ତି ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ସେମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜଳଛତ୍ର ଖୋଲିବା, ଭୂଆଁପଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନିମ୍ନ ମାନର କାମ ହେବା, ଭିନ୍ନକ୍ଷମଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଘର ନଦେଇ ଅଯୋଗ୍ୟ ହିତାଧିକାରୀଙ୍କୁ ଦିଆଯାଇଛି। ଏ ଦିଗରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳଙ୍କୁ ପଞ୍ଚାୟତର ବିଭିନ୍ନ ଗାଁରୁ ଆସିଥିବା ଲୋକେ ଦାବି କରିଛନ୍ତି ।


e-Procurement Cell
OFFICE OF THE EXECUTIVE ENGINEER,
BUILDING CONSTRUCTION DEPARTMENT
BUILDING DIVISION GUMLA

Short Notice Tender Inviting

Tender Reference No.-02BCD/GUMLA/2025-26

| क्र. सं. | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1 | COMPREHENSIVE RENOVATION INCLUDING TOILET, DILAPIDATED CLASSROOM, FLOOR, WINDOW, KITCHEN, DOOR, ROOF FAN ETC AND ELECTRIFICATION WORK AT KRISHNA HOSTEL GUMLA | 99,89,600.00 | 9 माह |
| i | वेबसाईट पर निविदा प्रकाशन की तिथि | 02.05.2025 | |
| ii | बिड प्राप्ति के लिए अन्तिम तिथि/समय | 08.05.2025 को अपराह्न 3.00 बजे। | |
| iii | निविदा खोलने की तिथि/समय | 09.05.2025 को अपराह्न 3.00 बजे। | |
| iv | निविदा प्रकाशित करने वाले कार्यालय का नाम एवं पता | Office of the Executive Engineer, Building Construction Department Building Division, Gumla | |
| v | प्रोक्योरमेंट पदाधिकारी का सम्पर्क संख्या | 8709489994 | |
| vi | ई–प्रोक्योरमेंट सेल का हेल्पलाईन संख्या | 9990708350 | |

• इस निविदा/कोटेशन से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.inij किया जा सकता है।
Note : New Updated UCAN Registration is mandatory for all Bidders.
Nodal Officer, e-Procurement Cell, Office of the Executive Engineer, Building Construction Department, Building Division, Gumla
PR 350552 (Building) 25-26 (D)



Department of Environmental Science
Fakir Mohan University
Vyasavihar, Nuapadhi, Balasore, Odisha-756089
Website : www.fmuniversity.nic.in
No.FMU/OHEPEE/CoE/04/2025 2810 Date : 17.04.2025
Indicative Notice Inviting Tender
Sealed quotations are invited from interested Dealers, Suppliers and Manufacturers with valid GSTIN certificate, PAN card and authorised dealer certificate for supply of **Lab Equipment/Instruments** for Fakir Mohan University, Balasore. The last date for submission of quotations by Regd./Speed Post is **09.05.2025 by 04:00 P.M.** For details please visit the University website www.fmuniversity.nic.in.
Sd./- (Registrar)



कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल,हजारीबाग।
शुद्धि पत्र /सूचना
एतद् द्वारा सूचित किया जाता है कि ई–प्रोक्योरमेंट निविदा आमंत्रण सूचना संख्या– BCD/EE/ HAZARIBAG/ 74 /2024-25 ,PR संख्या– 349010 Building (24-25).D द्वारा प्रकाशित निविदा कार्य का नाम– Proposed Construction of 50 Beded S.T. Girl's Hostel in Picchdi Jati Balika Awasiya Uccha Vidyalaya, Matwari, Dist-Hazaribagh For The Year 2024-2025 को अपरिहार्य कारणवश रद्द की जाती है।
कार्यपालक अभियंता, भवन प्रमण्डल, हजारीबाग।
PR 350578 Building(25-26)D



ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ
ଦୁର୍ଗାପାଲି, ସମ୍ବଲପୁର-୭୬୮୦୦୬, Email: Secretarysdasbp@gmail.com
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ଦାନିବନ୍ଧ ମାର୍କେଟ କମ୍ପ୍ଲେକ୍ସ, ଲକ୍ଷ୍ମୀଟକିଜ୍ ଛକ, ସମ୍ବଲପୁରସ୍ଥିତ ଦୋକାନ ଘର ନମ୍ବର – ୦୩ଟିକୁ ଶ୍ରୀ ...
ସ୍ୱା./- ଆବାସନ ଅଧିକାରୀ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର



ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ
INDIAN INSTITUTE OF FOREIGN TRADE
ଡିମ୍ଡ ଟୁ ବି ୟୁନିଭର୍ସିଟି
(ବାଣିଜ୍ୟ ବିଭାଗ, ଭାରତ ସରକାର)
ଏନ୍ଏଏସି ଦ୍ୱାରା "A+ ଗ୍ରେଡ୍" ମାନ୍ୟତାପ୍ରାପ୍ତ
AACSB ACCREDITED

ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଇଣ୍ଟରନ୍ୟାସନାଲ ବିଜନେସ୍) କାର୍ଯ୍ୟକ୍ରମ ୨୦୨୫-୩୦ ରେ ନାମଲେଖା ଘୋଷଣା କରାଯାଉଛି

ବାଣିଜ୍ୟ ବିଭାଗ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ (ଆଇଆଇଏଫ୍‌ଟି) **କାକିନାଡା କ୍ୟାମ୍ପସ (ଆନ୍ଧ୍ରପ୍ରଦେଶ)**ଠାରେ ପ୍ରଦାନ କରାଯାଉଥିବା ଆବାସିକ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିବିଏ-ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଏମ୍‌ବିଏ-ଇଣ୍ଟରନ୍ୟାସନାଲ ବିଜନେସ୍) ୨୦୨୫-୩୦ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଛି ।
**ଯୋଗ୍ୟତା:** (୧) ପ୍ରାର୍ଥୀ ବର୍ଷ ୨୦୨୩, ୨୦୨୪ କିମ୍ବା ୨୦୨୫ରେ ଦେଇଥିବା ପରୀକ୍ଷାରେ କଳା/ବାଣିଜ୍ୟ/ବିଜ୍ଞାନ ଶୃଙ୍ଖଳା କିମ୍ବା ସମତୁଲ୍ୟ ଶୃଙ୍ଖଳାରେ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦+୨/XII/ଏଚ୍ଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (୨) ପ୍ରାର୍ଥୀ ବର୍ଷ ୨୦୨୧ ପୂର୍ବରୁ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । (୩) +୨ ସ୍ତରରେ ଗଣିତ/ବ୍ୟବସାୟ ଗଣିତ/ପ୍ରାୟୋଗିକ ଗଣିତ/ପରିସଂଖ୍ୟାନ/ବ୍ୟବସାୟ ପରିସଂଖ୍ୟାନ ଏକ ବିଷୟ ରହିଥିବା ବାଧ୍ୟତାମୂଳକ ।
**ନାମଲେଖା ପଦ୍ଧତି:** ଚୟନ ଆଇପିଏମ୍ଏଟି ୨୦୨୫ ସ୍କୋର୍ (ଯାହା ଆଇଆଇଏମ୍-ଇନ୍ଦୋର ଦ୍ୱାରା ସଞ୍ଚାଳିତ ହେବ), ୧୦ମ ଶ୍ରେଣୀର ଶିକ୍ଷାଗତ ପ୍ରୋଫାଇଲ ତଥା ଲିଙ୍ଗ ବିବିଧତା ଆଧାରରେ କରାଯିବ ।
**ଦ୍ରଷ୍ଟବ୍ୟ:** ପ୍ରାର୍ଥୀ ଆଇପିଏମ୍ଏଟି ବିଜ୍ଞାପନ ଏବଂ ଆଇପିଏମ୍ ୨୦୨୫-୩୦ ପାଇଁ ନାମଲେଖା ପଦ୍ଧତିକୁ ଅନୁସରଣ କରିବା ଉଚିତ, ଯାହା ଆଇଆଇଏମ୍ ଇନ୍ଦୋର ୱେବସାଇଟ୍‌ରେ ଉପଲବ୍ଧ । ଆଇଆଇଏଫ୍‌ଟି ଏହାର ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ ନିମନ୍ତେ ପ୍ରାର୍ଥୀଙ୍କ ଶର୍ଟଲିଷ୍ଟିଂ / ଚୟନ ଲାଗି ଆଇପିଏମ୍ଏଟି ୨୦୨୫ ସ୍କୋର୍ ବ୍ୟବହାର କରିବ । ଚୟନ ପ୍ରକ୍ରିୟା କିମ୍ବା କାର୍ଯ୍ୟକ୍ରମ ସଞ୍ଚାଳନରେ ଆଇଆଇଏମ୍ ଇନ୍ଦୋରର କୌଣସି ଭୂମିକା ନାହିଁ ।
**କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆଇଆଇଏଫ୍‌ଟି ୱେବସାଇଟ୍ www.iift.ac.in ଦେଖନ୍ତୁ**

| ଗୁରୁତ୍ୱପୂର୍ଣ୍ଣ ତାରିଖ | |
|---|---|
| ଆଇଆଇଏଫ୍‌ଟିର ଆଇପିଏମ୍ ୨୦୨୫-୩୦ ପାଇଁ ଅନଲାଇନ ଆବେଦନର ଶେଷ ତାରିଖ | ୩୦ ଏପ୍ରିଲ ୨୦୨୫ |
| ଆଇପିଏମ୍ଏଟି ୨୦୨୫ (ଆଇଆଇଏମ୍ ଇନ୍ଦୋର ଦ୍ୱାରା ସଞ୍ଚାଳନ କରାଯିବ)ର ତାରିଖ | ୧୨ ମେ ୨୦୨୫ |

କୌଣସି ପ୍ରଶ୍ନ ପାଇଁ ଯୋଗାଯୋଗ କରନ୍ତୁ: **ଶ୍ରୀ ଅମିତ କୁମାର ଚନପୁରିଆ, ଉପ ନିବନ୍ଧକ (ଶିକ୍ଷାଗତ)**
**ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ, ବି-୨୧, କୁତବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ନୂଆଦିଲ୍ଲୀ-୧୧୦୦୧୬**
ଟେଲି. ୦୧୧-୩୯୧୪୭୨୧୩; ଇ-ମେଲ୍: ipm@iift.edu; ୱେବସାଇଟ୍: www.iift.ac.in
CBC 05103/12/0001/2526 **ଶ୍ରୀ ଗୌରବ ଗୁଲାଟି, ନିବନ୍ଧକ**



ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ଼ କରାଯାଇଛି ।
ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2025-26/02, ତା.15.04.2025ରିଖ
www.eastcoastrail.indianrailways.gov.in
PR-49/O/25-26



वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर
लापता: आवश्यक सूचना





गुमशुदा पुरुष राजेन्द्र सिंह, उम्र–करीब 55 वर्ष।
वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनुमण्डल पुलिस पदाधिकारी घाटशिला : 9431706485
थाना प्रभारी, चाकुलिया : 9431706520
वरीय पुलिस अधीक्षक, पूर्वी सिंहभूम, जमशेदपुर
PR 350534 Police (25-26)_D



ସର୍ବସାଧାରଣ ଅଧିସୂଚନା
"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"
(PR-58) ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ଗାର୍ଡେନ ରିଚ୍
ଦକ୍ଷିଣ ପୂର୍ବ ରେଳପଥ


See Career Appointment on every Wednesday & Saturday

## ସଂକ୍ଷେପରେ

### ଶୌଚପାଇଁ ଯାଇଥିବା ଯୁବକଙ୍କୁ ଗୁଳିମାଡ

ଡୁଙ୍ଗୁରିପାଲି, ୧୭।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଲେଜ ଛକ-ଟିଙ୍ଗେରକଟା ରାସ୍ତାରେ ଗୁରୁବାର ରାତି ପ୍ରାୟ ସାଢେ ୮ଟାରେ ଜଣେ ଯୁବକଙ୍କୁ ଗୁଳିମାଡ ହୋଇଛି। ସେ ହେଲେ ଡୁଙ୍ଗୁରିପାଲି କୁଦେଇପଡ଼ାର ଧୀରେନ ଭୋଇ(୨୭)। ତାଙ୍କ ବାମଗୋଡରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଛି। ଧୀରେନ ତାଙ୍କ ସାଙ୍ଗ ସଞ୍ଜୟ ସାହୁଙ୍କ ସହ ଶୌଚ ପାଇଁ ବାଇକରେ ଟିଙ୍ଗେରକଟା ରାସ୍ତା ଆଡକୁ ଯାଇଥିଲେ। ରାସ୍ତାକଡ଼ରେ ଶୌଚ କରୁଥିବା ବେଳେ ହଠାତ ତାଙ୍କ ଉପରକୁ ବାଇକରେ ଆସିଥିବା କଳାମୁଖା ପିନ୍ଧା ଦୁଇ ଜଣ ଅଜ୍ଞାତ ଯୁବକ ତାଙ୍କ ଉପରକୁ ଗୁଳି ମାଡ କରି ଫେରାର ହୋଇଯାଇଥିଲେ। ଖବର ପାଇ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତନାଘନା କରିଥିଲେ।

# ଆଧୁନିକ ଓଡ଼ିଶା ଗଠନରେ ବିଜୁଙ୍କ ବଡ଼ ଅବଦାନ ଥିଲା

ସୋନପୁର, ୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜଣେ ସ୍ୱାଭିମାନୀ ଓଡ଼ିଆ ଥିଲେ। ଶିକ୍ଷା, ନାରୀ ସଶକ୍ତିକରଣ ସହ ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ବଡ ଅବଦାନ ରହିଛି। ବିଜୁ ଜନତା ଦଳ ପକ୍ଷରୁ ସୁବର୍ଣ୍ଣପୁର ଟାଉନ ହଲ ଠାରେ ଆୟୋଜିତ ଜିଲାସ୍ତରୀୟ ୨୮ତମ ତିରୋଧାନ ଦିବସ ଅବସରରେ ଏହି ମତପ୍ରକାଶ ପାଇଛି। ବିଜେଡି ଜିଲା ସଭାପତି ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭାରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇଥିଲେ। ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ସୋନପୁର ବିଧାୟକ ତଥା ଓଡ଼ିଶା ବିଧାନସଭା ପବ୍ଲିକ୍ ଆକାଉଣ୍ଟସ୍ କମିଟି ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କୁ ଓଡ଼ିଶାର ବରପୁତ୍ର ବୋଲି ବର୍ଣ୍ଣନା କରିବା ସହ ସୁବର୍ଣ୍ଣପୁର ଜିଲା ଗଠନ ଓ ବିକାଶମୂଳକ କାର୍ଯ୍ୟର ଅବତାରଣା



ତିରୋଧାନ ଦିବସରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

### ସୁବର୍ଣ୍ଣପୁରରେ ୨୮ତମ ତିରୋଧାନ ଦିବସ ପାଳିତ

କରିଥିଲେ। ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଜିଲା ଉପସଭାପତି ରମେଶ ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ବିଶ୍ୱାଳ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଜିଲା ପରିଷଦ ସଦସ୍ୟ ମଧୁସୂଦନ ଓତା, ଗଣେଷ ଭୋଇ, ଶତ୍ରୁଘ୍ନ ପୃଷ୍ଟି, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଭୁଏ, ସୁବର୍ଣ୍ଣପୁରର ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ହେମନ୍ତ ସାହୁ, ରଞ୍ଜନ ଠେଲା ଓ ଅମୀୟ ରଞ୍ଜନ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଜୁ ବାବୁ ୧୯୬୧ ରୁ ୧୯୬୩ ଏବଂ ୧୯୯୦ ରୁ ୧୯୯୫ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟକରି ରାଜ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରିଯାଇଥିବା ବକ୍ତାମାନେ କହିଥିଲେ। ସୋନପୁର ବ୍ଲକ ସଭାପତି ଶଙ୍କର ପ୍ରସାଦ ସା ସଭା ସଂଯୋଜନା କରିଥିଲେ। ଶ୍ରାଦ୍ଧ ବାର୍ଷିକୀରେ ଦଳୀୟ କାଉନସିଲରଙ୍କ ସମେତ ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଦ୍ୱିତୀୟ ଥର ପାଇଁ ବିଜେଡି ଜିଲା ସଭାପତି ଦାୟିତ୍ୱ ପାଇଥିବା ସରୋଜ କମ୍ପଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଦଳୀୟ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ଟାଉନ ହଲ ପର୍ଯ୍ୟନ୍ତ ଯାଇଥିଲେ।

# ପାତାଳି ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି, ୧୭।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରେ ଗୁରୁବାର ଅପରାହ୍ନରେ ରଥ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାତାଳୀ ଟ୍ରଷ୍ଟ ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ୨୦ତମ ପାତାଳି ମହୋତ୍ସବର ସମୀକ୍ଷା ଏବଂ ଏଥିରେ ସହଯୋଗ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତା, ରାଜନେତା, ପ୍ରଶାସନିକ ଅଧିକାରୀ, ସଂକୀର୍ତ୍ତନ ମଣ୍ଡଳୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ତାପରେ ଆଗାମୀ ରଥଯାତ୍ରାକୁ ସରସ ସୁନ୍ଦର ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଏକ ୭ ଜଣିଆ ରଥ ନିର୍ମାଣ କମିଟି ଗଠନ କରାଯାଇଥିଲା। ସଂଯୋଜକ ଭାବେ ସତ୍ୟଜିତ ଗଡ଼ୁଆ, ସଦସ୍ୟ ଭାବେ ଧନେଶ୍ୱର ପଧାନ, ଜୈମିନି ନାଏକ, ବୀରମିତ୍ର ପଧାନ, ଗଦାଧର ମେହିଁଲି, ପ୍ରମୋଦ ପାତ୍ର, ଉସତ କର୍ଣ୍ଣଙ୍କୁ ମନୋନୀତ କରାଯାଇଛି। ପାତାଳି ସେନାର ସମସ୍ତ ସଦସ୍ୟ ରଥ ନିର୍ମାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଗାମୀ ଅକ୍ଷୟ ତୃତୀୟା ଦିନ ସେବାୟତ ସଂଘର ପ୍ରସ୍ତୁତି ବୈଠକରେ ରୀତିନୀତି ସମ୍ପର୍କିତ ସମସ୍ତ ବିଷୟ ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ହେତୁ ବିଧାୟକ ବୀରମହାରାଜପୁର ଇଂ. ରଘୁନାଥ ଜଗଦଲା, ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ସଭା ତରଫରୁ ଧନ୍ୟବାଦ ଅର୍ପଣ କରାଗଲା। ବୈଠକକୁ ଟ୍ରଷ୍ଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ। ସେବାୟତ ସଂଘର ଶରଦ ଚାନ୍ଦ, ପବିତ୍ର ନନ୍ଦ, ରବିନାରାୟଣ ପୂଜାରୀ, ଫକୀର ମୋହନ ପାଢ଼ୀ ଏବଂ ବିଭିନ୍ନ ଗ୍ରାମର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜଗଦୀଶ କର୍ଣ୍ଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମାରୁତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା

**ନାମଯଜ୍ଞରେ ଭାଗ ନେଲେ ୫୦ କୀର୍ତ୍ତନ ଦଳ**

ସୋନପୁର, ୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ ମାରୁତି ନଗରଠାରେ ମାରୁତି ଶ୍ରୀହନୁମାନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ସର୍ବଦେବାଦେବୀ ହୋମହୁତି, ହନୁମାନଙ୍କର ପ୍ରାଣ ପ୍ରତିଷ୍ଠା ପୂଜା ଓ ହୋମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଗତ ୧୦ ତାରିଖରେ ଅଙ୍କୁରାରୋପଣ ଓ ଦେବନିମନ୍ତ୍ରଣ ହୋଇଥିଲା । ମଙ୍ଗଳବାର ଠାରୁ ଚବିଶ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଛି। ଏଥିରେ ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ ଓ ସମ୍ବଲପୁର ଜିଲାର ୫୦ରୁ ଉର୍ଦ୍ଧ୍ୱ କୀର୍ତ୍ତନ ଦଳ ଭାଗ ନେଇଛନ୍ତି । ସେହିପରି ହଳଦୀପାଲି, ବଳଦାପାଲି, ଡୁଙ୍ଗିରିପାଲି, ବାବାନଗର ଓ ମାରୁତି ନଗରର ଶତାଧିକ ମହିଳା ତେଲନଦୀ ବଳଦାପାଲି ଘାଟରୁ ପୂର୍ଣ୍ଣ ଜଳ କଳସ ଆଣି ମଣ୍ଡପରେ ସ୍ଥାପନ ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ଆଦିତ୍ୟ ସାହୁ ତାଙ୍କ ଧର୍ମପତ୍ନୀ ସୁବାସିନି ସାହୁ, ଦିବ୍ୟ କର୍ତ୍ତା ଗୋବିନ୍ଦ ସାହୁ ଏବଂ ପୂଜକ ଭାବେ ଅମରିଶ ପାଣିଗ୍ରାହୀ, ଶିବରାମ ଗୁରୁ, ନବୀନ ଦାଶ ଓ କରୁଣା ରଥ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ନାମଯଜ୍ଞରେ ମୁଖ୍ୟ ଆକର୍ଷଣ ଭାବେ ପ୍ରହରୀ ମଣ୍ଡପ ଘୁରବା ଦେଖିବାକୁ ମିଳିଛି। ମାରୁତି ସେବା ଟ୍ରଷ୍ଟ ସଦସ୍ୟ ପ୍ରହ୍ଲାଦ ପଣ୍ଡା, ଜନ୍ମେଜୟ ପୁରୋହିତ, ବନମାଳୀ ପାଣ୍ଡେ, ସରୋଜ ପାଢ଼ୀ, ସୁଦାମ ବେହେରା, ପ୍ରଦୀପ ଜେନା, ବୃନ୍ଦାବନ ପ୍ରହରାଜ ପ୍ରମୁଖ ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଛନ୍ତି।

# ସଫଳତା ପାଇଁ ଶୃଙ୍ଖଳା ଜରୁରୀ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ସୁବଳୟା ପିଏମଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି, ୧୭।୪(ପୀତାମ୍ବର ସାହୁ)

ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ର ପ୍ରୟାସ କରିବା ଆବଶ୍ୟକ। ମାତ୍ର ଜୀବନରେ ସଫଳତା ପାଇଁ ଶୃଙ୍ଖଳା ଏକାନ୍ତ ଜରୁରୀ। ଶୃଙ୍ଖଳିତ ଓ ମାର୍ଜିତ ଜୀବନ ଜାପାନ କରି ଅଧ୍ୟବସାୟ କଲେ ସଫଳତା ଆପେ ମିଳିଥାଏ। ଗୁରୁବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ ପିଏମଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଅଭ୍ୟୁଦୟରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ରଖିଛନ୍ତି। ପିଏମଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସମାରୋହରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ପୋଢ଼, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ଶିବ ନାରାୟଣ ମେହେର, ସ୍ୱେଚ୍ଛାସେବୀ ଶରତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଚନ୍ଦ୍ରମଣି ବାଘ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମ୍ପା ବିଶ୍ୱାଳ ଓ ପଙ୍କଜିନି ମେହେର ସଭା ସଂଯୋଜନା କରିଥିଲେ। ପଦ୍ମନାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ଶ୍ରେଷ୍ଠ ଜେଆରସି ଛାତ୍ରୀଭାବେ ଅର୍ଚ୍ଚନା ନାଏକ, ଶ୍ରେଷ୍ଠ ସ୍କାଉଟ ଭାବେ ମୟୁରେଶ ମିଶ୍ର, ଶ୍ରେଷ୍ଠ ଗାଇଡ ସୁଜାତା ଷାଣ୍ଢ, ଶ୍ରେଷ୍ଠ ଇକୋ କ୍ଲବ ଛାତ୍ରୀ ସନ୍ଧ୍ୟାରାଣୀ ମେହେର, ଶ୍ରେଷ୍ଠ ରେଡ ରିବନ କ୍ଲବ ଛାତ୍ରୀଭାବେ ରିୟା ଦଣ୍ଡସେନାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ବିଜୁ ବାବୁଙ୍କ ସ୍ମୃତିଚାରଣ

ବୀରମହାରାଜପୁର, ୧୭।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଗୁରୁବାର ସକାଳ ସକାଳ ୭ଟା୩୦ରେ ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟଠାରୁ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ନେତୃତ୍ୱରେ ବିଜେଡି କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲେ। ସେଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ଜିଲା ବିଜେଡି ଯୁବ ସଭାପତି ଅଶୋକ କୁମାର ନନ୍ଦ, ବରିଷ୍ଠ ନେତା ତୁଳସୀ ଦାସ ହୋତା, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଜିଲା ବିଜେଡି ଉପସଭାପତି କିଶୋର କୁମାର ହୋତା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ହିଲୁଙ୍ଗ ସମିତି ସଭ୍ୟ ସୈଳରଞ୍ଜନ ବାଣୀ, ଧୀରେନ୍ଦ୍ର ନାରାୟଣ ପଣ୍ଡା, ସଞ୍ଜିବ ଦେହୁରୀ, ସୁରୁ ନାରାୟଣ ମହାକୁଡ଼, ଦୁର୍ଗେଶ ପଣ୍ଡା, ଆଲୋକ ଦେହୁରୀ, ବୈଶାଖୁ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଯାପିତ


ଡୁଲେଶ୍ୱର ରାମଲୀଳା ନାଟକର ଏକ ଦୃଶ୍ୟ।

ଅମରପାଲି, ୧୭।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତର ଡୁଲେଶ୍ୱର ଗ୍ରାମରେ ଚାଲିଥିବା ଶ୍ରୀରାମଲୀଳା ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ରାମନବମୀଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଅବସରରେ ପ୍ରତ୍ୟହ ଦିନବେଳା ପୂଜାର୍ଚ୍ଚନା କରାଯାଉଥିଲା। ବ୍ରତାଧାରୀମାନେ ନିଷ୍ଠା ଓ କାଷ୍ଠାର ସହିତ ପୂଜା ପାଠ କରୁଥିଲେ। ପ୍ରତ୍ୟହ ରାତିରେ ପ୍ରଭୁ ଶ୍ରୀରାମଙ୍କ ବିଷୟ ବସ୍ତୁକୁ ନେଇ ନାଟକ ମଞ୍ଚସ୍ଥ ହେଉଥିଲା। କର୍ତ୍ତାଭାବେ ବୀରେନ୍ଦ୍ର ନାରାୟଣ ସିଂହ ସାମନ୍ତ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେକ ଦିନ ନାଟକ ଦେଖିବାପାଇଁ ସ୍ଥାନୀୟ ଲୋକ ମାନଙ୍କ ଗହଳି ରହୁଥିଲା। କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ନାଟକ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ରାମ ଭୂମିକାରେ ବସୁ ପୋଢ, ରାବଣ ଭୂମିକାରେ ହଳଧର ବାଘ, ସୀତା ଭୂମିକାରେ ସାହେବ ବଢିଆ, ଲକ୍ଷ୍ମଣ ଭୂମିକାରେ ଦେବେନ୍ଦ୍ର ସାହୁ ଓ ହନୁମାନ ଭୂମିକାରେ ଧନଞ୍ଜୟ ବଢିଆ ଅଭିନୟ କରୁଥିଲେ। ରାବଣ ବଧ ସମେତ ସୀତା ବିବାହ, ସୀତା ଚୋରି, ବାଲି ବଧ ଆଦି ପର୍ଯ୍ୟାୟ କ୍ରମେ ପରିବେଷଣ ହୋଇଥିଲା। ରାବଣ ବଧ ପରେ ରାମଚନ୍ଦ୍ରଙ୍କ ଅଯୋଧ୍ୟାରେ ରାଜ୍ୟ ଅଭିଷେକ ଓ ତା ପରେ ଗ୍ରାମ ପରିଭ୍ରମଣ ପରେ ଏହା ସମାପନ ହୋଇଥିଲା।


**e-Procurement Cell**
**OFFICE OF THE EXECUTIVE ENGINEER, BUILDING CONSTRUCTION DEPARTMENT BUILDING DIVISION GUMLA**

**Short Notice Tender Inviting**
Tender Reference No.-02BCD/GUMLA/2025-26

| क्र. सं. | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1 | COMPREHENSIVE RENOVATION INCLUDING TOILET, DILAPIDATED CLASSROOM, FLOOR, WINDOW, KITCHEN, DOOR, ROOF FAN ETC AND ELECTRIFICATION WORK AT KRISHNA HOSTEL GUMLA | 99,89,600.00 | 9 माह |
| i | वेबसाईट पर निविदा प्रकाशन की तिथि | 02.05.2025 | |
| ii | बिड प्राप्ति के लिए अन्तिम तिथि/समय | 08.05.2025 को अपराह्न 3.00 बजे। | |
| iii | निविदा खोलने की तिथि/समय | 09.05.2025 को अपराह्न 3.00 बजे। | |
| iv | निविदा प्रकाशित करने वाले कार्यालय का नाम एवं पता | Office of the Executive Engineer, Building Construction Department Building Division, Gumla | |
| v | प्रोक्योरमेंट पदाधिकारी का सम्पर्क संख्या | 8709489994 | |
| vi | ई–प्रोक्योरमेंट सेल का हेल्पलाईन संख्या | 9990708350 | |

• इस निविदा/कोटेशन से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.inij किया जा सकता है।
Note : New Updated UCAN Registration is mandatory for all Bidders.
Nodal Officer, e-Procurement Cell, Office of the Executive Engineer, Building Construction Department, Building Division, Gumla
PR 350552 (Building) 25-26 (D)



**Department of Environmental Science**
**Fakir Mohan University**
Vyasavihar, Nuapadhi, Balasore, Odisha-756089
Website : www.fmuniversity.nic.in
No.FMU/OHEPEE/CoE/04/2025 2810 Date : 17.04.2025
**Indicative Notice Inviting Tender**
